ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.22 . No.224, Bhubaneswar Friday, October 18, 2019 ୨୨ତମ ବର୍ଷ ସଂଖ୍ୟା-୨୨୪ ଭୁବନେଶ୍ୱର ଶୁକ୍ରବାର, ଅକ୍ଟୋବର ୧୮, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹.50 (Air Surcharge - 0.50P) Member-INS

## ନୀତି ଆୟୋଗ ଦ୍ୱାରା ଭାରତ ନବୋନ୍ମେଷ ସୂଚକାଙ୍କ ୨୦୧୯ ପ୍ରକାଶିତ

# ଶୀର୍ଷରେ କର୍ଣ୍ଣାଟକ, ଦ୍ୱାଦଶ ସ୍ଥାନରେ ଓଡ଼ିଶା

ନୂଆଦିଲ୍ଲୀ /ଭୁବନେଶ୍ୱର, (ପିଏନ)- ନୀତି ଆୟୋଗ ଦ୍ୱାରା ୨୦୧୯ ବର୍ଷ ପାଇଁ ଭାରତ ନବୋନ୍ମେଷ ସୂଚକାଙ୍କ ପ୍ରକାଶ ପାଇଛି। ଦେଶର ବୃହତ ରାଜ୍ୟଗୁଡ଼ିକ ମଧ୍ୟରେ କର୍ଣ୍ଣାଟକ ସର୍ବାଧିକ ନବୋନ୍ମେଷୀ ରାଜ୍ୟ ଭାବେ ପ୍ରଥମ ସ୍ଥାନ ହାସଲ କରିଛି। ଏହାପଛକୁ ଶୀର୍ଷ ୧୦ଟି ସ୍ଥାନରେ ଯଥାକ୍ରମେ ତାମିଲନାଡୁ, ମହାରାଷ୍ଟ୍ର, ତେଲଙ୍ଗାନା, ହରିୟାଣା, କେରଳ, ଉତର ପ୍ରଦେଶ, ପଶ୍ଚିମବଙ୍ଗ, ଗୁଜରାଟ ଏବଂ ଆନ୍ଧ୍ର ପ୍ରଦେଶ ରହିଛନ୍ତି। ଶୀର୍ଷ ୧୦ଟି ରାଜ୍ୟ ମଧ୍ୟରେ ଅଧିକ ଦକ୍ଷିଣ ଓ ପଶ୍ଚିମ ଭାରତୀୟ ରାଜ୍ୟ ରହିଛନ୍ତି। ଉତର-ପୂର୍ବ ଏବଂ ପାର୍ବତ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ସିକ୍କିମ ଶୀର୍ଷରେ ରହିଥିବା ବେଳେ କେନ୍ଦ୍ରଶାସିତ ପ୍ରଦେଶ/ନଗର ରାଜ୍ୟ/କ୍ଷୁଦ୍ର ରାଜ୍ୟଗୁଡ଼ିକ ମଧ୍ୟରେ ଦିଲ୍ଲୀ ସର୍ବୋଚ୍ଚ ସ୍ଥାନ ହାସଲ କରିଛି। ନିବେଶ (ଇନପୁଟ)କୁ ଫଳାଫଳ (ଆଉଟପୁଟ)ରେ ରୂପାନ୍ତରିତ କରିବାରେ ସବୁଠୁ ଦକ୍ଷ ରାଜ୍ୟଗୁଡ଼ିକ ମଧ୍ୟରେ ଦିଲ୍ଲୀ, କର୍ଣ୍ଣାଟକ, ମହାରାଷ୍ଟ୍ର, ତାମିଲନାଡୁ, ତେଲଙ୍ଗାନା ଓ ଉତରପ୍ରଦେଶ ରହିଛନ୍ତି। ଅନ୍ୟପକ୍ଷରେ ଭାରତ ନବୋନ୍ମେଷ ସୂଚକାଙ୍କର ବୃହତ ରାଜ୍ୟ ବର୍ଗରେ ଓଡ଼ିଶା ଦ୍ୱାଦଶ ସ୍ଥାନରେ ରହିଛି। ତେବେ ଏନେବଲର୍ସ ଓ ପରଫର୍ମାନ୍ସ ର୍ୟାଙ୍କରେ ଓଡ଼ିଶାକୁ ଯଥାକ୍ରମେ ଦଶମ ଓ ଏକାଦଶ ସ୍ଥାନ ମିଳିଛି। ନୀତି ଆୟୋଗ ଉପାଧ୍ୟକ୍ଷ ଡ. ରାଜୀବ କୁମାର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ କାନ୍ତ, ବିଜ୍ଞାନ ବିଭାଗ ସଚିବ ଆଶୁତୋଷ ଶର୍ମା, ବାୟୋ-ଟେକନୋଲୋଜି ବିଭାଗ ସଚିବ ରେଣୁ ସ୍ୱରୂପ, ଆୟୁଷ ସଚିବ ବୈଦ୍ୟ ରାଜେଶ କୋଟେଚାଙ୍କ ଉପସ୍ଥିତିରେ ଏହି ସୂଚକାଙ୍କ ଜାରି କରାଯାଇଥିଲା। ଡ. ରାଜୀବ କୁମାର ଏହି ଅବସରରେ ଆଶା ବ୍ୟକ୍ତ କରିଥିଲେ ଯେ ନବୋନ୍ମେଷ ପରିସଂସ୍ଥାନରେ ଥିବା ବିଭିନ୍ନ ଅଂଶୀଦାରଙ୍କ ମଧ୍ୟରେ ଭାରତ ନବୋନ୍ମେଷ ସୂଚକାଙ୍କ ସମନ୍ୱୟ ପ୍ରତିଷ୍ଠା କରିବ ଏବଂ ଭାରତ ଏକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଉତମ ପ୍ରଶାସନ ଦିଗରେ ଅଗ୍ରସର ହୋଇପାରିବ। ଅଗଣିତ ଆହ୍ୱାନ ମଧ୍ୟରେ ବିଶ୍ୱ ନବୋନ୍ମେଷ କ୍ଷେତ୍ରରେ ନେତୃତ୍ୱ ନେବା ଲାଗି ଭାରତ ନିକଟରେ ଅଭିନବ ସୁଯୋଗ ରହିଛି ବୋଲି ଶ୍ରୀ ଅମିତାଭ କାନ୍ତ ପ୍ରକାଶ କରିଥିଲେ। ରେଣୁ ସ୍ୱରୂପ କହିଥିଲେ ଯେ କ୍ଲଷ୍ଟର ଆଧାରିତ ନବୋନ୍ମେଷକୁ ପ୍ରତିଦ୍ୱନ୍ଦ୍ୱିତାର କେନ୍ଦ୍ର ବିନ୍ଦୁ ଭାବେ ବିକଶିତ କରାଯିବା ଆବଶ୍ୟକ। ଉଭୟ ନିବେଶ ଏବଂ ଫଳାଫଳ ଉପାଦାନ ଉପରେ ଗୁରୁତ୍ୱ ଦିଆଯାଇଥିବାରୁ ଏହି ସୂଚକାଙ୍କ ଦେଶରେ ନବୋନ୍ମେଷ ପରିବେଶକୁ ଉନ୍ନତ କରିବାରେ ଉତମ ଆରମ୍ଭ ବୋଲି ଶ୍ରୀ ଆଶୁତୋଷ ଶର୍ମା କହିଥିଲେ। ଶ୍ରୀ ବୈଦ୍ୟ କୋଟେଚା କହିଥିଲେ ଯେ ରାଜ୍ୟଗୁଡ଼ିକ ମଧ୍ୟରେ ମାନଦଣ୍ଡ ନିର୍ଦ୍ଧାରଣ ଜରିଆରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ସଂଘୀୟ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦିଗରେ ଏହି ସୂଚକାଙ୍କ ଏକ ଉତମ ପ୍ରୟାସ। ଦେଶର ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶରେ ନବୋନ୍ମେଷ ପରିସଂସ୍ଥାନକୁ ଅନୁଧ୍ୟାନ କରାଯିବା ପରେ ଏହି ସୂଚକାଙ୍କ ପ୍ରକାଶ ପାଇଛି। ଦେଶରେ ରହିଥିବା ଆହ୍ୱାନଗୁଡ଼ିକର ମୁକାବିଲା କରିବା ଏବଂ ନିର୍ଦ୍ଦିଷ୍ଟ ଅଂଚଳର ଆର୍ଥିକ ବିକାଶ ନୀତି ପ୍ରସ୍ତୁତ କରିବା ଦିଗରେ ନୀତି ନିର୍ଦ୍ଧାରକମାନଙ୍କୁ ଏକ ସାମାଗ୍ରିକ ସାଧନ ପ୍ରଦାନ କରିବା ହେଉଛି ଏହି ସୂଚକାଙ୍କର ଉଦ୍ଦେଶ୍ୟ। ଏହି ସୂଚକାଙ୍କରେ ରାଜ୍ୟଗୁଡ଼ିକୁ ୩ଟି ବର୍ଗରେ ବିଭକ୍ତ କରାଯାଇଛି ଯଥା : ବୃହତ ରାଜ୍ୟ, ଉତର-ପୂର୍ବାଂଚଳ ଓ ପାର୍ବତ୍ୟ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ/ନଗର ରାଜ୍ୟ/କ୍ଷୁଦ୍ର ରାଜ୍ୟ। ଦେଶର ଅଭିବୃଦ୍ଧି ଏବଂ ସମୃଦ୍ଧି ଲାଗି ନବୋନ୍ମେଷ ଏକ ପ୍ରମୁଖ ବାହକ ହୋଇପାରିବ। ଏହାକୁ ଦୃଷ୍ଟିରେ ରଖି ପ୍ରତିଦ୍ୱନ୍ଦ୍ୱିତା ସଂସ୍ଥାନକୁ ଜ୍ଞାନ ସହଯୋଗୀ ଭାବେ ନେଇ ନୀତି ଆୟୋଗ ପକ୍ଷରୁ ଭାରତ ନବୋନ୍ମେଷ ସୂଚକାଙ୍କ ୨୦୧୯ ପ୍ରକାଶ ପାଇଛି। ବ୍ୟାପକ ଗବେଷଣା ଏବଂ ବିଶ୍ଳେଷଣ ପରେ ଏହି ଅଧ୍ୟୟନର ଫଳାଫଳ ପ୍ରକାଶ ପାଇଛି। ଏଥିରେ ଭାରତୀୟ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକର ନବୋନ୍ମେଷ ସାମର୍ଥ୍ୟ ଓ ପ୍ରଦର୍ଶନକୁ ନିରୀକ୍ଷଣ କରିବା ମାଧ୍ୟମରେ ଦେଶର ସାମଗ୍ରିକ ନବୋନ୍ମେଷ ପରିଦୃଶ୍ୟକୁ ଦେଖାଯାଇଛି। ଏହି ସୂଚକାଙ୍କ ମାଧ୍ୟମରେ ଦେଶର ୨୯ଟି ରାଜ୍ୟ ଏବଂ ୭ଟି କେନ୍ଦ୍ର ଶାସିତ ପ୍ରଦେଶର ନବୋନ୍ମେଷ ପରିବେଶକୁ ନିରନ୍ତର ମୂଲ୍ୟାୟନ ପାଇଁ ଏକ ବ୍ୟାପକ ଢାଂଚା ପ୍ରସ୍ତୁତ କରିବାର ପ୍ରୟାସ କରାଯାଇଛି। ଏହା ଜରିଆରେ ତିନୋଟି କାର୍ଯ୍ୟ ସମ୍ପାଦନ ପାଇଁ ପ୍ରୟାସ କରାଯାଇଛି ଯଥା :୧- ସୂଚକାଙ୍କ ଫଳାଫଳ ଆଧାରରେ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ ର୍ୟାଙ୍କ ପ୍ରଦାନ କରିବା, ୨- ସମ୍ଭାବନା ଓ ଆହ୍ୱାନଗୁଡ଼ିକୁ ବିବେଚନା କରିବା ଏବଂ ନବୋନ୍ମେଷର ପ୍ରୋତ୍ସାହନ ଲାଗି ସରକାରୀ ନୀତି ପ୍ରସ୍ତୁତିରେ ସହାୟତା କରିବା। ଦୁଇଟି ସୋପାନ- ଏନେବଲର୍ସ ଓ ପରଫର୍ମାନ୍ସରେ ମିଳିଥିବା ହାରାହାରି ଅଙ୍କ ଆଧାରରେ ଭାରତ ନବୋନ୍ମେଷ ସୂଚକାଙ୍କ-୨୦୧୯ର ଫଳାଫଳ ପ୍ରକାଶ ପାଇଛି। ୫ଟି ସ୍ତମ୍ଭକୁ ନେଇ ସମର୍ଥକ ପର୍ଯ୍ୟାୟରେ ରାଜ୍ୟଗୁଡ଼ିକର ନବୋନ୍ମେଷ ସାମର୍ଥ୍ୟକୁ ବିବେଚନା କରାଯାଇଛି : ମାନବ ପୁଞ୍ଜି, ନିବେଶ, ଜ୍ଞାନ କର୍ମୀ, ବ୍ୟବସାୟିକ ପରିବେଶ ଏବଂ ସୁରକ୍ଷା ଓ ଆଇନଗତ ପରିବେଶ। ନିବେଶ (ଇନପୁଟ) ଦ୍ୱାରା ଦେଶକୁ ମିଳୁଥିବା ଲାଭକୁ ପ୍ରଦର୍ଶନ ସୋପାନ ଗ୍ରହଣ କରିଛି। ଏହାକୁ ଦୁଇଟି ସ୍ତମ୍ଭ ଯଥା ଜ୍ଞାନ ଫଳାଫଳ ଏବଂ ଜ୍ଞାନର ପ୍ରସାରରେ ବିଭକ୍ତ କରାଯାଇଛି।

## ରାଷ୍ଟ୍ରପତିଙ୍କ ୭ ଦିନିଆ ଫିଲିପାଇନ୍ସ ଓ ଜାପାନ ଗସ୍ତ

ନୂଆଦିଲ୍ଲୀ, (ପିଏନ)- ରାଷ୍ଟ୍ରପତି ରାମନାଥ କୋବିନ୍ଦ ୭ ଦିନିଆ ଫିଲିପାଇନ୍ସ ଓ ଜାପାନ ଗସ୍ତ ନିମନ୍ତେ ଗୁରୁବାର ଯାତ୍ରା ଆରମ୍ଭ କରିଛନ୍ତି । ରାଷ୍ଟ୍ରପତିଙ୍କ ସହିତ ଭାରତର ପ୍ରଥମ ମହିଳା ତଥା ତାଙ୍କ ପତ୍ନୀ ସବିତା କୋବିନ୍ଦ ଯାତ୍ରା କରିଛନ୍ତି । ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରାପ୍ତ ସୂଚନା ମୁତାବକ, ରାଷ୍ଟ୍ରପତି ଶ୍ରୀ କୋବିନ୍ଦ ଯାତ୍ରାର ପ୍ରଥମ ପର୍ଯ୍ୟାୟରେ ଅକ୍ଟୋବର ୧୭ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଫିଲିପାଇନ୍ସ ଗସ୍ତରେ ରହିବେ । ଏହା ପରେ ଦ୍ୱିତୀୟ ପର୍ଯ୍ୟାୟରେ ଅକ୍ଟୋବର ୨୧ ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଜାପାନ ଗସ୍ତରେ ଯିବେ । ୧୩ ବର୍ଷ ପରେ ଭାରତର କୌଣସି ରାଷ୍ଟ୍ରପତିଙ୍କ ଏହା ପ୍ରଥମ ଫିଲିପାଇନ୍ସ ଗସ୍ତ ।ଏହି ଅବସରରେ ଫିଲିପାଇନ୍ସର ମଲାକା ପ୍ୟାଲେସ୍ ଠାରେ ରାଷ୍ଟ୍ରପତିଙ୍କୁ ଗାର୍ଡ ଅଫ୍ ଅନର୍ ଦିଆଯିବାର କାର୍ଯ୍ୟକ୍ରମ ରହିଛି । ଏହା ପରେ ରାଷ୍ଟ୍ରପତି ଶ୍ରୀ କୋବିନ୍ଦ ଏବଂ ଫିଲିପାଇନ୍ସ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେଙ୍କ ମଧ୍ୟରେ ପ୍ରତିନିଧି ମଣ୍ଡଳସ୍ତରିୟ ଆଲୋଚନା ହେବ । ଏହା ପରେ କୋବିନ୍ଦ ମିରିୟମ କଲେଜର ଶାନ୍ତି ଶିକ୍ଷାକେନ୍ଦ୍ରରେ ମହାତ୍ମା ଗାନ୍ଧିଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ । ସେଠାରେ ସେ ଭାରତୀୟ ସମୁଦାୟଙ୍କ ବ୍ୟତୀତ ଫିଲିପାଇନ୍ସର କ୍ରାଂସ-ସେକ୍ସନ ସମୁଦାୟର ଲୋକଙ୍କ ସହିତ ଭାବ ବିନିମୟର କାର୍ଯ୍ୟକ୍ରମ ରହିଛି ।ରାଷ୍ଟ୍ରପତି କୋବିନ୍ଦ ଆସନ୍ତା ଅକ୍ଟୋବର ୨୧ ତାରିଖରେ ଫିଲିପାଇନ୍ସର ରାଜଧାନୀ ମନିଲା ଠାରୁ ଜାପାନ ଅଭିମୁଖେ ଯାତ୍ରା କରିବେ । ସେଠାରେ ସେ ଅକ୍ଟୋବର ୨୨ ଓ ୨୩ ରେ ଅନୁଷ୍ଠିତ ହେବାକୁ ଥିବା ଜାପାନର ସମ୍ରାଟ ନାରୁହିତୋଙ୍କ ରାଜ୍ୟାଭିଶେକ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ରାଜ୍ୟାଭିଶେକ ସମାରୋହରେ ରାଷ୍ଟ୍ରପତି କୋବିନ୍ଦ ଅଂଶଗ୍ରହଣ କରିବା ଜାପାନ ସହିତ ଭାରତର ରହିଆସିଥିବା ସମ୍ପର୍କ କେତେ ମଜବୁତ ତାହା ଦର୍ଶାଉଛି । ଏହି ଗସ୍ତ କାଳରେ ଟୋକିଓ ଠାରେ ରାଷ୍ଟ୍ରପତି ଏକ ବୁଦ୍ଧ ମନ୍ଦିର ପରିଦର୍ଶନରେ ଯିବେ । ସେଠାରେ ଭାରତ ଓ ଜାପାନ ମଧ୍ୟରେ ରହିଥିବା ପାରମ୍ପରିକ ସମ୍ପର୍କକୁ ଉଜ୍ଜିବିତ ରଖିବା ଉଦ୍ଦେଶ୍ୟରେ ଏକ ବୋଧି ଦ୍ରୁମର ଚାରା ରୋପଣ କରିବେ ଏବଂ ବୌଦ୍ଧ ଧର୍ମକୁ ନେଇ ଜାପାନ ଓ ଭାରତ ମଧ୍ୟରେ ରହି ଆସିଥିବା ଆଧାତ୍ମିକ ସମ୍ପର୍କ ବାବଦରେ ନିଜର ଅଭିଭାଷଣ ରଖିବେ । ଏହା ପରେ ସେ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ଅଫିସିଆଲ୍ ଭୋଜିରେ ଆତିଥ୍ୟତା ଗ୍ରହଣ କରିବେ । ସେଠାରେ ସେ ଭାରତୀୟ ସମୁଦାୟଙ୍କୁ ଭେଟିବା ସହ ଭାବ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି ।

## ଭୁବନେଶ୍ୱରରେ ବନ୍ଦ ହେବ ପାର୍କିଂ ଫି ଆଦାୟ

ଭୁବନେଶ୍ୱର, (ପିଏନ)- ରାଜଧାନୀରେ ଥିବା ସପିଂ ମଲ, ହସ୍ପିଟାଲ, ମଲ୍ଟିପ୍ଲେକ୍ସ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଓ ଉଚ୍ଚ ଅଟ୍ଟାଳିକାରେ ପାର୍କିଂ ଫି ନିଆଗଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନଧିକୃତ ପାର୍କିଂ ଫି ନେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ।ସେହିପରି ଭୁବନେଶ୍ୱରରେ କରାଯାଉଥିବା ବେଆଇନ ପାର୍କିଂ ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯିବ। ପାର୍କିଂ ନ ଥିବା ସ୍ଥାନରେ ଗାଡ଼ି ରଖିଥିଲେ ଜରିମାନା ଆଦାୟ କରାଯିବ। ସେ କହିଛନ୍ତି ମଲର ନିଜସ୍ୱ ପାର୍କିଂ ସ୍ଥାନରେ ଫି ଆଦାୟ ହୋଇପାରିବନି । ହେଲେ ମଲ ବାହାରେ ବିଏମସି ସ୍ଥାନ ପାଇଁ ଏହା ଲାଗୁ ହେବ ନାହିଁ । ବିଏମସି ନାଁରେ କେହି ଅନଧିକୃତ ପାର୍କି ଫି ନେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।ଏଠାରେ ଉଲ୍ଲେଖ ଯୋଗ୍ୟ, ଗତକାଲି ବ୍ୟବସାୟିକ ପ୍ରତିଷ୍ଠାନ, ହସ୍ପିଟାଲ, ସିନେମା ହଲ୍ ଓ ଆପାର୍ଟମେଂଟ ଆଦିରେ ଆଦାୟ ହେଉଥିବା ପାର୍କିଂ ଫି'କୁ ବନ୍ଦ କରିବାକୁ ବିଡିଏ ନିର୍ଦ୍ଦେଶ ଦେଇଛି ।

## ୨୬ଟି ଷ୍ଟେସନରେ ୧୦୦ ଫୁଟ୍ ଉଚ୍ଚ ଜାତୀୟ ପତାକା ସ୍ଥାପନ କରିବ ପୂର୍ବତଟ ରେଳପଥ

ଭୁବନେଶ୍ୱର, (ପିଏନ)- ପୂର୍ବତଟ ରେଳପଥ ୨୬ଟି ଷ୍ଟେସନ ରେ ମନୁମେଂଟାଲ ଜାତୀୟ ପତାକା ସ୍ଥାପନ କରିବାକୁ ଯୋଜନା କରିଛି। ଭାରତୀୟ ରେଳବାଇରେ ଯାତ୍ରୀମାନଙ୍କ ମଧ୍ୟରେ ରାଷ୍ଟ୍ରବାଦ ଏବଂ ଦେଶ ଭକ୍ତିର ଭାବନା ପ୍ରଦାନ କରିବା ପାଇଁ ରେଳଷ୍ଟେସନ ଗୁଡ଼ିକୁ ସୌନ୍ଦର୍ଯ୍ୟକରଣ କରିବା ଲକ୍ଷ୍ୟରେ ରେଳମନ୍ତ୍ରଣାଳୟ ଆଦେଶନାମା ଅନୁଯାଇ ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ଥିବା ବିଭିନ୍ନ ଜିଲ୍ଲା ସଦର ମହକୁମା ଏବଂ ପର୍ଯ୍ୟଟନ ସ୍ଥଳକୁ ଗୁରୁତ୍ୱ ଦେଉଥିବା ଷ୍ଟେସନ ମାନଙ୍କ ଠାରେ ମନୁମେଂଟାଲ ଜାତୀୟ ପତାକା ପ୍ରତିଷ୍ଠା କରିବାକୁ ଯୋଜନା କରିଛି। ଚଳିତ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ୨୬ଟି ଷ୍ଟେସନ ଠାରେ ୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ଖମ୍ବରେ ଜାତୀୟ ପତାକା ଉତୋଳନ କରିବାକୁ ସ୍ଥିରକରାଯାଛି । ଏହି ଷ୍ଟେସନ ଗୁଡିକ ଜିଲ୍ଲା ସଦର ମହକୁମା, ଐତିହାସିକ ଓ ପର୍ଯ୍ୟଟନ ସ୍ଥଳ ମାନଙ୍କରେ ଅବସ୍ଥିତ । ଓଡିଶା ରାଜଧାନୀ ଭୁବନେଶ୍ୱର ଏବଂ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଠାରେ ଏହି ମନୁମେଂଟାଲ ତ୍ରିରଙ୍ଗା ପୂର୍ବରୁ ସ୍ଥାପନ କରାଯାଇସାରିଛି। ଏବେ ପ୍ରସ୍ତାବିତ ଷ୍ଟେସନ ଗୁଡିକ ମଧ୍ୟରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ୧୩ଟି ଷ୍ଟେସନ ଠାରେ, ୱାଲଟିୟର ରେଳମଣ୍ଡଳ ର ୭ଟି ଷ୍ଟେସନ ଠାରେ ଏବଂ ସମ୍ବଲପୁର ରେଳମଣ୍ଡଳର ୬ଟି ଷ୍ଟେସନ ଠାରେ ମନୁମେଂଟାଲ ଜାତୀୟ ପତାକା ସ୍ଥାପନ କରାଯିବ।

## ବିଜେପୁରରେ ନବୀନ ଜମାନା ଚାଲିଛି, ବିଜେଡି ଜିତିବ : ସୁର

ଭୁବନେଶ୍ୱର, (ପିଏନ)- ଆସନ୍ତା ୨୧ ତାରିଖରେ ବିଜେପୁର ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବାକୁ ଥିବା ବେଳେ ଏହା ପୂର୍ବରୁ ତିନି ପ୍ରମୁଖ ଦଳ ବିଜେପି, କଂଗ୍ରେସ ଓ ବିଜେଡି କସରତ ଆରମ୍ଭ କରି ଦେଇଛନ୍ତି। ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ଦଳର ବଡ଼ ବଡ଼ ନେତା, ମନ୍ତ୍ରୀ ସେଠାରେ ଭିଡ଼ ଜମାଇଛନ୍ତି। ସେହିପରି ବିଜେପି ପକ୍ଷରୁ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ରାଜ୍ୟର ବିଧାୟକ ଓ ସାଂସଦ ମାନେ ବିଜେପୁରରେ ଡେରା ପକାଇଛନ୍ତି। ଏପରି ସ୍ଥିତିରେ ପଛରେ ପଡିଯାଇଛି କଂଗ୍ରେସ। କେବଳ ସେତିକି ନୁହେଁ ବିଜେପୁରରେ ଯେ କଂଗ୍ରେସ ପରାଜିତ ସେ କଥା ମଧ୍ୟ କହିଛନ୍ତି କଂଗ୍ରେସ ର ବରିଷ୍ଠ ନେତା ତଥା ବିଧାୟକ ସୁରେଶ କୁମାର ରାଉତରାୟ। ବିଜେପୁର ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ କଂଗ୍ରେସ ବିଜେପୁରରେ ଜିତିଲା ଭଳି ମୋତେ କାହିଁ ଲାଗୁ ନାହିଁ। ମୁଁ ବିଜେପୁରରେ ୩ରୁ ୪ ଦିନ ହେଲା ବୁଲୁଛି, ପ୍ରଚାର କରୁଛି। ବିଜେପୁରରେ ପୂରା ନବୀନ ପଟ୍ଟନାୟକ ଜମାନା ଚାଲିଛି। ବିଜେପୁରରେ ବିଜେଡି ଯେତିକି ପତାକା ଲଗାଇଛି, ଆମ ୭ ଜନ୍ମରେ କଂଗ୍ରେସ ବାଲା ଏମିତି ପତାକା ଦେଖିପାରିବୁନି। ଯେମିତି ବିଜେଡି କର୍ମୀ ପୋଷ୍ଟର ମାରିଛନ୍ତି, ୨୦ ଜନ୍ମରେ ଆମେ ମାରି ପାରିବୁନି। ଏତେ ପଇସା କିଏ କେଉଁଠି ଆଣିବ। ସବୁ ପଇସା ମୋଦି ଓ ନବୀନଙ୍କ ପାଖରେ ଅଛି। ଆମେ ତ ଶୃଙ୍ଖଳା। ଏଭଳି ସ୍ଥିତିରେ ମୋତେ କାହିଁ ଜିତିଲା ଭଳି ଲାଗୁ ନାହିଁ। ସେ ଆହୁରି କହିଛନ୍ତି ଯେ ବିନା ପଇସାରେ କିଛି କାର୍ଯ୍ୟ ହେଲାଣି, ନା କେବେ ହୋଇପାରିବ। କଂଗ୍ରେସ ପାଖରେ ଜମା ପଇସା ନାହିଁ। ଭୋଟ କ'ଣ ପାଇବ। ଆମେ ଏଠି ହାରିଯିବୁ, କାହିଁକି ବଡ଼ ବଡ଼ କଥା କହିବୁ। ନବୀନଙ୍କ ବେଳା ପଡ଼ିଛି । ମହାଶୂନ୍ୟରେ ସେ ୫ଥର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଏମିତି ଭାଗ୍ୟ ପୃଥିବୀରେ କାହାର ନାହିଁ ବୋଲି ସୁର କହିଛନ୍ତି।

## ବିଜେପୁରରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ଆରମ୍ଭ



ଭୁବନେଶ୍ୱର, (ପିଏନ)- ବିଜେପୁର ଉପନିର୍ବାଚନ ପାଇଁ ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଆଜି ଓ ଆସନ୍ତାକାଲି ୨ ଦିନ ଧରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବିଜେପୁରରେ ଦଳୀୟ ପ୍ରାର୍ଥୀ ରୀତା ସାହୁଙ୍କ ପାଇଁ ଭୋଟ୍ ଭିକ୍ଷା କରିବେ। ଗୁରୁବାର ଦିନ ପ୍ରଥମେ ବରଗଡ ଲାଉମୁଣ୍ଡାରେ ନବୀନ ପଟ୍ଟନାୟକ ପହଚିଂବା ପରେ ହାଇଟେକ ବସରେ ରୋଡ ସୋ କରି ପ୍ରଚାର ଆରମ୍ଭ କରିଛନ୍ତି। ବସ୍ ରେ ଥାଇ ଲୋକଙ୍କୁ ସମ୍ବୋଧିତ କରିବା ସହ ଆପଣ ମାନେ ଖୁସି ତ ବୋଲି ପଚାରିଛନ୍ତି ସୁପ୍ରିମୋ। ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ପାଇଁ ଦଳୀୟ ନେତା କର୍ମକର୍ତାଙ୍କ ସମେତ ସ୍ଥାନୀୟ ଅଂଚଳବାସୀ ଗହଳି ଲଗାଇଛନ୍ତି। ଗୁରୁବାର ମୁଖ୍ୟମନ୍ତ୍ରୀ ବିଜେପୁର, ବରପାଲି ଓ ଗାଇସିଲଟ ବ୍ଲକରେ ରୋଡ୍ ଶୋ' କରିଥିଲେ। ଆଜି ବିଜେପୁର ଏବଂ ବରପାଲିର ୩୧ଟି ସ୍ଥାନରେ ପ୍ରଚାର କରିଥିଲେ । ପ୍ରଚାର କରିବା ପରେ ମୁଖ୍ୟମନ୍ତ୍ରୀ ବରଗଡ଼ ରେ ରାତ୍ରୀ ଯାପନ କରିବେ। ସେହିପରି ପ୍ରଚାରର ଦ୍ୱିତୀୟ ଦିନରେ ଗାଇସିଲଟ ବ୍ଲକ୍ ର ୧୪ଟି ସ୍ଥାନକୁ ପ୍ରଚାର ଅଭିଯାନରେ ଯିବେ। ସେଠାରେ ପ୍ରଚାର କରି ଅପରାହ୍ନ ୩.୩୦ରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି।

## ୧୮ ଜଣିଆ କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳଙ୍କ ଓଡ଼ିଶା ଗସ୍ତ

### କନ୍ଧମାଳ ଓ ମୟୁରଭଂଜ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମର ଅନୁଧ୍ୟାନ କରିବେ

ଭୁବନେଶ୍ୱର, (ପିଏନ)- କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଏକ ୧୮ ଜଣିଆ କେନ୍ଦ୍ରୀୟ ଅନୁଧ୍ୟାନକାରୀ ଆଜିଠାରୁ ଓଡ଼ିଶା ଗସ୍ତରେ ଆସିଛନ୍ତି। ଡାଃ ହିମାଂଶୁ ଭୂଷଣଙ୍କ ନେତୃତ୍ୱରେ ଆସିଥିବା ଏହି ଦଳ ଆଜି ଭୁବନେଶ୍ୱରଠାରେ ପହଂଚିବା ପରେ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ପଦାଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଦଳ ୨ ଭାଗରେ ବିଭକ୍ତ ହୋଇ ମୟୁରଭଂଜ ଓ କନ୍ଧମାଳ ଜିଲ୍ଲା ଗସ୍ତ କରିବେ । ଡାଃ ହିମାଂଶୁ ଭୂଷଣଙ୍କ ନେତୃତ୍ୱରେ ଗୋଟିଏ ଦଳ କନ୍ଧମାଳ ଜିଲ୍ଲା ଏବଂ ଡାଃ ଅରୁଣ କୁମାରଙ୍କ ନେତୃତ୍ୱରେ ଅନ୍ୟ ଦଳଟି ମୟୁରଭଂଜ ଜିଲ୍ଲା ଗ୍ରସ୍ତ କରିବେ । ଏହି ଗସ୍ତ ସମୟରେ ସେମାନେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ , ପରିବାର କଲ୍ୟାଣ କାର୍ଯ୍ୟକ୍ରମ , ସଂକ୍ରାମକ ଓ ଅଣସଂକ୍ରାମକ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ମାନବ ସମ୍ବଳ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ସୁଦୃଢ଼ିକରଣ ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଅନୁଧ୍ୟାନ କରି ଜ୍ଞାନ ଆହରଣ କରିବେ । ଏଥି ସହିତ ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ସଫଳ କାର୍ଯ୍ୟକ୍ରମ ଗୁଡ଼ିକୁ କିପରି ଅନ୍ୟ ରାଜ୍ୟରେ ମଧ୍ୟ କାର୍ଯ୍ୟକାରୀ କରାଯାଇ ପାରିବ ସେଦିଗରେ ଦୃଷ୍ଟି ଦେବେ ବୋଲି ଆଲୋଚନା କାଳରେ ସୂଚନା ଦେଇଛନ୍ତି । ଯେଉଁ ଯେଉଁ କ୍ଷେତ୍ରରେ ଅଧିକ କିଛି କରାଯିବାର ଆବଶ୍ୟକତା ଥିବ ସେନେଇ ମଧ୍ୟ ସେମାନେ ପରାମର୍ଶ ଦେବେ ।ବର୍ତମାନ ରାଜ୍ୟରେ କାର୍ଯ୍ୟକାରୀ କରାଯାଇଥିବା ମୋ ସରକାର, ୫- ଟି, ମାନବ ସମ୍ବଳ ବ୍ୟବସ୍ଥା ଏବଂ ଗ୍ରହଣ କରାଯାଇଥିବା ବିଭିନ୍ନ ସଂସ୍କାର ମୂଳକ କାର୍ଯ୍ୟକ୍ରମ ସଂପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡାଃ ପ୍ରମୋଦ କୁମାର ମେହେର୍ଦ୍ଦା ସେମାନଙ୍କୁ ଅବଗତ କରାଇଥିଲେ । ରାଜ୍ୟରେ ନୂତନ ସ୍ୱାସ୍ଥ୍ୟନିତି ଭିଜନ-୨୦୨୫ ସଂପର୍କରେ ମଧ ଡ଼ଃ ମେହେର୍ଦ୍ଦା ସୂଚନା ଦେଇଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ରାଜ୍ୟରେ କାର୍ଯ୍ୟକାରୀ ହୋଉଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ନିରାମୟ ମାଗଣାରେ ରକ୍ତ ଯୋଗାଣ, ନିଦାନ, ଗର୍ଭବତୀ ମହିଳା ମାନଙ୍କୁ ମାଗଣା ପରିବହନ ବ୍ୟବସ୍ଥା ଆଦି ସଂପର୍କରେ ଆଲୋକପାତ କରିଥିଲେ । ସରକାରୀ ଡାକ୍ତରଖାନାକୁ ଆସୁଥିବା ରୋଗୀମାନଙ୍କ ଠାରୁ ସିଧାସଳଖ ଟେଲିଫୋନ ମାଧ୍ୟମରେ ସେମାନଙ୍କର ମତାମତ ମଧ୍ୟ ସଂଗ୍ରହ କରାଯାଇ ସେଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ସଂପର୍କରେ ମଧ୍ୟ ଶ୍ରୀମତୀ ପଣ୍ଡିତ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମେଡିକାଲ ନିଗମ ପରିଚାଳନା ନିର୍ଦ୍ଦେଶିକା ୟାମିନୀ ଷଡ଼ଙ୍ଗୀ, ସ୍ୱତନ୍ତ୍ର ସଚିବ ଡ଼ଃ ହର ପ୍ରସାଦ ପଟ୍ଟନାୟକ, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡ଼ଃ ଦିଲ୍ଲୀପ କୁମାର ଷଡ଼ଙ୍ଗୀ, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡ଼ଃ ସରୋଜ ନାୟକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼ଃ ଅଜିତ୍ ମହାନ୍ତି, ଯୁଗ୍ମ ସଚିବ ଗୁହା ପୁନମ୍ ତାପସ କୁମାରଙ୍କ ସମେତ ଅନ୍ୟାନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ । ଦୁଇ ଦଳରେ ବିଭକ୍ତ ହୋଇ ଯାଉଥିବା ଏହି ଦଳ ୧୮, ୧୯ ଓ ୨୦ ତାରିଖ ତିନିଦିନ ଧରି ଗସ୍ତ କରିସାରିବା ପରେ ୨୧ ତାରିଖ ଦିନ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଓ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସହିତ ଆଲୋଚନା କରି ୨୨ ତାରିଖ ଦିନ ଭୁବନେଶ୍ୱର ଫେରିବେ । ୨୩ ତାରିଖ ଦିନ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ପଦାଧିକାରୀମାନଙ୍କ ସହିତ ସେମାନଙ୍କ ଗସ୍ତ ବିବରଣୀ ଦେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ସୁବାସ ସିଂହଙ୍କୁ ପୁନର୍ବାର ମିଳିଲା ରାଷ୍ଟ୍ରମନ୍ତ୍ରୀ ପାହ୍ୟା



ଭୁବନେଶ୍ୱର, (ପିଏନ)- ଶ୍ରମିକ ନେତା ତଥା ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ମହାସଚିବ ଶ୍ରୀ ସୁବାସ ସିଂହଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ପଦରେ ପୁନର୍ବାର ନିଯୁକ୍ତି ଦେବା ସହ ପୂର୍ବପରି ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପ୍ରଦାନ କରିଛନ୍ତି। ଏସମ୍ପର୍କରେ ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ପକ୍ଷରୁ ଗତ ୧୫ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି ।

ଆଜି ସୁଦ୍ଧା ସମଗ୍ର ରାଜ୍ୟରେ ୨୮,୬୨,୭୦୪ ଜଣ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଇପାରିଛି। ୨୦,୬୦,୫୨୯ ଜଣ ଶ୍ରମିକଙ୍କୁ ୧୪୫୬, ୧୦,୮୫, ୨୨୧ ଟଙ୍କା ବିଭିନ୍ନ ସହାୟତା ବାବଦରେ ପ୍ରଦାନ କରାଯାଇଛି । ଅଦ୍ୟାବଧି ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ୨୧୧୬,୯୬,୪୬,୭୦୧ ଟଙ୍କା ସେସ୍ ଆଦାୟ କରାଯାଇଛି । ଗତବର୍ଷ ସର୍ବାଧିକ ୪୨୭ କୋଟି ଟଙ୍କା ଟିକସ୍ ଆଦାୟ କରାଯାଇଛି । ଓଡ଼ିଶାର ଦାଦନ ଶ୍ରମିକ ପ୍ରବଣ ଜିଲ୍ଲାଗୁଡ଼ିକରୁ ୫୬,୫୯୧ ଜଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇ ବିଭିନ୍ନ ସହାୟତା ପ୍ରଦାନ କରାଯାଇଛି । ନିର୍ମାଣ ଶ୍ରମିକ ପକ୍କାଘର ଯୋଜନାରେ ୨୫,୪୨୬ ଜଣ ହିତାଧିକାରୀଙ୍କ ଆବେଦନ ଅନୁମୋଦିତ ହୋଇଛି ଏବଂ ୧୦,୯୩୮ ଘର ପୂର୍ଣ୍ଣାଙ୍ଗ କରାଯାଇପାରିଛି ।

ନିର୍ମାଣ ଶ୍ରମିକମାନଙ୍କ ଲାଗି କାର୍ଯ୍ୟକାରୀ ହେଉଥିବା କଲ୍ୟାଣକାରୀ ଯୋଜନାରେ ଓଡ଼ିଶା ସମଗ୍ର ଦେଶରେ ଏକ ଆଗୁଆ ରାଜ୍ୟରେ ପରିଣତ ହୋଇଛି । ଆଜି ସୁଦ୍ଧା ପ୍ରାୟ ଏକ କୋଟି ଲୋକ ସାମାଜିକ ସୁରକ୍ଷା ପରିସରଭୁକ୍ତ ହୋଇପାରିଛନ୍ତି । ଆନ୍ତର୍ଜାତିକ ଶ୍ରମିକ ସଂଗଠନ ସହାୟତାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ସବୁ ସ୍ତରରେ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଶ୍ରମ ବିଭାଗକୁ ଅଧିକ କ୍ରିୟାଶୀଳ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ପ୍ରତି ୩ ମାସରେ ଉଚ୍ଚସ୍ତରୀୟ ସମୀକ୍ଷା କରାଯାଉଛି । ପ୍ରତିବର୍ଷ ୨ ଥର ଜିଲ୍ଲାପାଳମାନଙ୍କ ସମ୍ମିଳନୀରେ ପ୍ରମୁଖ ଏଜେଣ୍ଡା ରଖାଯାଇ ଏହି ଯୋଜନାକୁ ସଫଳ କରାଯିବାକୁ ପ୍ରୟାସ ଜାରି ରହିଛି । ୩୦ଟି ଜିଲ୍ଲାରେ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକୃତ ଓ ସହାୟତା ପ୍ରଦାନ କରାଯାଉଛି । ୫ 'ଟି' ଜରିଆରେ ସ୍ୱଚ୍ଛତା, ସମୟାନୁବର୍ତିତା ଏବଂ ଅଧିକ କ୍ରିୟାଶୀଳ କରିବାରେ ଶ୍ରମ ବିଭାଗ ପୂରା ଦମ୍‌ରେ ଲାଗିପଡ଼ିଛି ବୋଲି ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ଶ୍ରୀ ସିଂହ ପ୍ରକାଶ କରିଛନ୍ତି ।

## ଭାରତର ଇତିହାସକୁ ଭାରତର ଦୃଷ୍ଟିରେ ଲେଖା ଯିବାର ରହିଛି ଆବଶ୍ୟକତା : ଶାହ

ବାରଣାସୀ , (ପିଏନ)- ଭାରତର ଇତିହାସକୁ ଭାରତୀୟ ମାନଙ୍କ ଦୃଷ୍ଟିରେ ଲେଖା ଯିବାର ଆବଶ୍ୟକତା ରହିଛି ଯାହା ଫଳରେ ଆଗାମୀ ପୀଢୀ ଆମର ବୀର ମାନଙ୍କ ବିଷୟରେ ଜାଣି ପାରିବ। ଏହି ମାମଲାରେ ଇଂରେଜ, ମୋଗଲକାଳୀନ ଓ କମ୍ୟୁନିଷ୍ଟ ଐତିହାସିକ ମାନଙ୍କୁ ଦୋଷ ଦେଲେ ଚଳିବ ନାହିଁ । ଇତିହାସର ଭାରତୀୟ ମାନଙ୍କ ଦୃଷ୍ଟିରେ ପୁନର୍ଲିଖନ କାମ ଐତିହାସିକ ମାନଙ୍କୁ କରିବାକୁ ପଡିବ ବୋଲି କହିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ । ଗୁରୁବାର ଦିନ କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଗୁପ୍ତବଂଶର ବୀର ସ୍କନ୍ଦଗୁପ୍ତ ବିକ୍ରମାଦିତ୍ୟ ବିଷୟକୁ ନେଇ ଦୁଇ ଦିବସୀୟ ଆନ୍ତର୍ଜାତିକ ସେମିନାରର ଉଦଘାଟନ କରି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଏହା କହିଛନ୍ତି।

ସେ କହିଛନ୍ତି ବୀର ସାବରକର ଯଦି ୧୮୫୭ର ସଂଗ୍ରାମର ଇତିହାସ ଲେଖି ନ ଥାନ୍ତେ ତେବେ ଆମେ ଆଜି ମଧ୍ୟ ତାକୁ ସିପାହୀ ବିଦ୍ରୋହ ବୋଲି କହୁଥାନ୍ତେ । ଦେଶ ସ୍ୱାଧୀନ ହେବାର ୭୦ ବର୍ଷ ହୋଇ ସାରିଲାଣି । ଏଭଳି ପରିସ୍ଥିତିରେ ଭୁଲ ଇତିହାସ ଲେଖନ ପାଇଁ ଆମ କାହାକୁ ଦାୟୀ କରିବା ଠିକ ହେବ ନାହିଁ ବରଂ ଆମର ଐତିହାସିକ ମାନେ ୨ ଶହ ବୀର ଓ ୨୫ଟି ସାମ୍ରାଜ୍ୟର ଉଜ୍ଜ୍ୱଳ ଇତିହାସକୁ ଭାରତୀୟଙ୍କ ଦୃଷ୍ଟିରେ ଲେଖିବା ଉଚିତ । ଏ ନେଇ କମ୍ୟୁନିଷ୍ଟ ଐତିହାସିକ ମାନଙ୍କ ସହ ବିବାଦର ମଧ୍ୟ କୌଣସି ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି ।

ସେ କହିଛନ୍ତି ଯେ ସ୍କନ୍ଦଗୁପ୍ତ ହୁଣ ମାନଙ୍କର ଆକ୍ରମଣକୁ ଭାରତର ସଭ୍ୟତା, ସଂସ୍କୃତିକୁ ରକ୍ଷା କରିଥିଲେ । ତାଙ୍କର ଏହି ବୀରତ୍ୱ ପାଇଁ ଆମର ସଭ୍ୟତା ବଂଚିଛି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଇତିହାସ ତାଙ୍କ ସହ ନ୍ୟାୟ କରି ନାହିଁ ।

କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ସମୟରେ ମହାମନା ପଣ୍ଡିତ ମଦନ ମୋହନ ମାଲବୀୟଙ୍କ ମନରେ ବିଚାର ଯାହା ଥାଉ ନା କାହିଁକି କିନ୍ତୁ ପ୍ରତିଷ୍ଠାର ଏତେ ବର୍ଷ ପରେ ମଧ୍ୟ ଏହି ବିଶ୍ୱବିଦ୍ୟାଳୟ ହିନ୍ଦୁ ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିବାକ ପାଇଁ ଅଟଳ ହୋଇ କାମ କରିବା ସହ ଏହାକୁ ଆଗକୁ ବଢାଉଛି । ଶହ ଶହ ବର୍ଷର ଦାସତ୍ୱ ପରେ ଦେଶର ଗୌରବକୁ ପୁନଃ ପ୍ରାପ୍ତ କରିବା ପାଇଁ କୌଣସି ବ୍ୟକ୍ତି ବିଶେଷ କିଛି କରି ପାରିବ ନାହିଁ ହେଲେ ଏକ ବିଶ୍ୱବିଦ୍ୟାଳୟ ବହୁତ କିଛି କରି ପାରିବ ବୋଲି ସେ କହଛନ୍ତି ।










# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର କରାଗଲା ଜୟଲଳିତାଙ୍କ ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜେନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୁଅନ୍ତି ହ୍ରିତିକ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## 'କର୍ଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢ଼ିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢ଼ିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢ଼ମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।






## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# ଆମିଷ ଆହାରର ଅଜଣା କଥା

ଜୀବଜଗତ କହିଲେ ଆମେ ମୁଖ୍ୟତଃ ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତକୁ ବୁଝିଥାଉ। ମଣିଷ ଯେପରି ପ୍ରାଣୀ ଜଗତରେ ଅନ୍ତର୍ଭୁକ୍ତ ସେହିପରି ଅନ୍ୟ ସମସ୍ତ ହିଂସ୍ର ବା ନିରୀହ ପଶୁପକ୍ଷୀ ମଧ୍ୟ ଏହି ପ୍ରାଣୀଜଗତରେ ଅନ୍ତର୍ଭୁକ୍ତ। ତେଣୁ ସେମାନଙ୍କର ଜୀବକୋଷ ଓ ମଣିଷର ଜୀବକୋଷ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ସବୁଠାରୁ ଶ୍ରେଷ୍ଠ ଓ ବଳବାନ ଜୀବ ଓ ତା'ର ଇଚ୍ଛା ଏବଂ ରୁଚି ଅନୁସାରେ ସେ ନିଜର ଖାଦ୍ୟ ଗ୍ରହଣ କରେ। ଏହି ଖାଦ୍ୟ ଆମିଷ କିମ୍ବା ନିରାମିଷ ହୋଇପାରେ। ଆବହମାନ କାଳରୁ ସବୁ ସମୟରେ ଆମିଷ ଖାଇବା ପାଇଁ ଆପତ୍ତି ରହିଛି, ତେବେ ମାଛ, ମାଂସ ଖାଇବାରେ ଏତେ ଦୋଷ କାହିଁକି ? ଏହି ପ୍ରଶ୍ନର ଉତ୍ତରରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଶରୀର, ମନ ଓ ଜୀବନ ପକ୍ଷରେ ଯଦି ଆମିଷ ଖାଦ୍ୟ ଭଲ ହୋଇଥାଆନ୍ତା ତେବେ ଏତେ ଆପତ୍ତି କାହିଁକି ? ମଣିଷର ଯେଉଁ ସ୍ୱାଭାବିକ ଆମିଷ ଆହାର ପ୍ରତି ରୁଚି ଅଛି ତାହାକୁ ବିକୃତ ରୁଚି ମଧ୍ୟ କୁହାଯାଏ। ଆନିମଲ ସେଲ ବା ଜୀବନ୍ତ କୋଷ ଆଉ ଏକ ଜୀବନ୍ତ କୋଷକୁ ହଜମ କରିବାକୁ ଚାହେଁନାହିଁ, ବରଂ ତାକୁ ପ୍ରତ୍ୟାଖ୍ୟାନ କରେ। ବାହାର ଜୀବନ୍ତ କୋଷ ମଣିଷ ଶରୀରରେ ପ୍ରବେଶ କଲେ ତାହା ଆମର ଜୀବନ୍ତ କୋଷକୁ ନଷ୍ଟ କରିଦିଏ। କାରଣ ଏହି ବାହାରର କୋଷ ଗୁଡ଼ିକ ଆମ ଶରୀରର କୋଷ ପରି ସମଭାବେ ସଞ୍ଜୀବୀତ। ମଣିଷ ଦେହର କୋଷପରି ସେମାନେ ମଧ୍ୟ ବଞ୍ଚିବା ପାଇଁ ସଂଗ୍ରାମରତ। ଉଭୟଙ୍କର ଏହି ସଂଗ୍ରାମ ଫଳରେ ଆମିଷ ଆହାରରେ ଶରୀରରେ ଟକ୍ସିନ୍ ବା ବିଷକ୍ରିୟା ସୃଷ୍ଟି ହୁଏ। ମାଛ, ମାଂସର ଜୈବକୋଷ ଉପାଦାନ ଆମ ଶରୀରରେ ପ୍ରବେଶ କରି ଶରୀରସ୍ଥ ଜୀବକୋଷରେ ଏକ ଅସ୍ୱାଭାବିକ ଉତ୍ତେଜନା ଓ ସଂଘାତ ସୃଷ୍ଟିକରି କୋଷ ବିଭାଜନକୁ ଅତ୍ୟନ୍ତ ଦ୍ରୁତ କରିତୋଳେ। ଏହାଦ୍ୱାରା ସାମୟିକ ଶାରୀରିକ ପୁଷ୍ଟିବର୍ଦ୍ଧନ ହେଲେ ମଧ୍ୟ ଆୟୁଷକୁ ସେହି ପରିମାଣରେ ଖର୍ବ କରିଦିଏ ଏବଂ ଏହି ବିଷକ୍ରିୟା ଫଳରେ ସ୍ନାୟୁ ଓ ମସ୍ତିଷ୍କର କୋଷଗୁଡ଼ିକ ଚଞ୍ଚଳ, ଦୁର୍ବଳ, ସ୍ଥୈର୍ଯ୍ୟ-ସାମ୍ୟ-କ୍ରମାଗତିହରା ହୋଇଉଠନ୍ତି ଓ ଦୃଷ୍ଟିଶକ୍ତି କମିଯାଏ। ରୋଗ ପ୍ରତିରୋଧକ ଶକ୍ତି କମିଯାଏ କାରଣ କୋଷଗୁଡ଼ିକୁ ସର୍ବଦା ବଞ୍ଚିବା ପାଇଁ ସଂଗ୍ରାମ କରିବାକୁ ହୁଏ। ବେଳେ ବେଳେ ଏହି ଅସ୍ୱାଭାବିକ ବିଭାଜନ ମଧ୍ୟ ଟ୍ୟୁମର ସୃଷ୍ଟିକରେ। କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଭେଜିଟେବ୍‌ଲ ଓ ଫ୍ଲେଶ (ମାଂସ) ଶବ୍ଦ ଦୁଇଟିର ଧାତୁଗତ ଅର୍ଥ ସମୀକ୍ଷା କରି କହିଲେ- ଭେଜିଟେବ୍‌ଲ ମାନେ ଜୀବନ୍ତ କରିତୋଳିବା ଓ ଫ୍ଲେଶର ସେମିତି କୌଣସି ଅର୍ଥ ନାହିଁ। ଆମେ ଯେଉଁ ମାଛ, ମାଂସ (ଛେଳି, ମେଣ୍ଢା ଓ କୁକୁଡା) ଇତ୍ୟାଦି ଖାଉ ତାହା ଆମ ଶରୀର ପକ୍ଷରେ ସୁସଙ୍ଗତ ନୁହେଁ। ଆଉ ସୁସଙ୍ଗତ ନ ହେଲେ ତାହା ଆମକୁ ପୋଷଣ ଦିଏନାହିଁ। ଏ ସବୁ ଖାଦ୍ୟ ଖାଇଲେ ଆମର କ୍ଷତି ହୁଏ, ଆୟୁଷ କ୍ଷୟ ହୁଏ। ନିରାମିଷ ଆହାରରେ ଶକ୍ତି ବଢ଼େ ଓ ଏହି ଶକ୍ତି ଆମ ପକ୍ଷରେ ସୁସମଞ୍ଜସ୍ୟ। ଯେଉଁ ପ୍ରାଣୀ ନିମିତ୍ତ ଯେଉଁ ଖାଦ୍ୟ ସୁସାମଞ୍ଜସ୍ୟ ଓ ସୁସଙ୍ଗତ ତାହା ଗ୍ରହଣ କରିଲେ ଶରୀରରେ ପୁଷ୍ଟି ହୁଏ। ଉଦାହରଣ ସ୍ୱରୂପ - ହାତୀ, ଗାଈ, ଗୋରୁ, ମେଣ୍ଢା ଇତ୍ୟାଦି ପ୍ରାଣୀମାନେ ଘାସ ଖାଆନ୍ତି ଓ ସେଥିରେ ହିଁ ସେମାନଙ୍କର ପୁଷ୍ଟି। କତିପୟ ଚିକିତ୍ସକ ମନୁଷ୍ୟକୁ ଆମିଷ ଆହାର କରିବାକୁ କହିଥାନ୍ତି। ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଛନ୍ତି-ଏହିସବୁ ମତାମତ ନିଜର ବୁଝିବା ଉପରେ ନିର୍ଭର କରେ। ଯାହାର ଯେପରି ବୁଝିବା ସେମାନେ ସେହିପରି ମତ ଦେଇଥାନ୍ତି। ଏପରି ହୋଇପାରେ ଯେ ଚିକିତ୍ସକମାନେ ସ୍ୱାଦ ଓ ଲୋଭର ବଶବର୍ତ୍ତୀ ହୋଇ ଏହା କହିଥାଇପାରନ୍ତି। କିନ୍ତୁ ଥରେ ବୁଝିବା ଠିକ୍ ହେଲେ ନିରାମିଷ ଖାଦ୍ୟ ଶରୀରପକ୍ଷେ ଯେ ମଙ୍ଗଳକର ଏହା ମଧ୍ୟ ସେମାନେ କହିପାରନ୍ତି। ଅନେକ ବ୍ୟକ୍ତି ପ୍ରଶ୍ନ କରନ୍ତି-ମାଛ, ମାଂସ ଯଦି ଆମ୍ଭେମାନେ ନଖାଇବୁ, ତାହାଲେ ଭଗବାନ କାହିଁକି ଏସବୁ ସୃଷ୍ଟି କରିଛନ୍ତି ? ଏହା ଉତ୍ତରରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ-ମନେକର ତୁମ ଜମିରେ ପକ୍ଷୀମାନେ ଆସି ବସୁଛନ୍ତି, ତୁମେ ସେଗୁଡ଼ିକୁ ମାରିଦେଲ। ପକ୍ଷୀମାନେ ତୁମ ଜମିର ପୋକଜୋକ ଖାଉଥିଲେ, ଏବେ ତାଙ୍କ ଅନୁପସ୍ଥିତିରେ ଜମିରେ ପୋକ ଭର୍ତ୍ତି ହୋଇଗଲା। ସେତେବେଳେ ସେହି ପୋକଭରା ଜମିର ଫସଲ ଖାଇ ପେଟ ଖରାପ ହେଲା। ନାନା ପ୍ରକାର ପୋକଜୋକ ଓ ଛେଳି, ମେଣ୍ଢା ଇତ୍ୟାଦିକୁ ଭଗବାନ ମଣିଷର ଉପକାର ପାଇଁ ହିଁ ସୃଷ୍ଟି କରିଛନ୍ତି। ମଣିଷ ପାଇଁ ଧାନ, ଚାଉଳ ଓ ପନିପରିବା ଇତ୍ୟାଦି ସୃଷ୍ଟି କରିଛନ୍ତି। ଆମିଷାହାରୀ ମାନଙ୍କର କୌଣସି ରୋଗ-ବିରାଗ ହେଲେ ଶରୀର ଯେତେ ଗଭୀର ଭାବେ କ୍ଷତିଗ୍ରସ୍ତ ହୁଏ ନିରାମିଷାଶୀଙ୍କ ତଦ୍‌ଜାତୀୟ ଅସୁସ୍ଥତା ହେଲେ ମଧ୍ୟ ଶରୀର ଏତେଟା କ୍ଷତିଗ୍ରସ୍ତ ହୁଏନାହିଁ। ଆମିଷରୁ ବାହାରୁଥିବା ଟକ୍ସିନ୍ ସ୍ନାୟୁକୁ ଉତ୍ତେଜିତ କରେ, ସହନ-ବହନ କ୍ଷମତା କମିଯାଏ, ସ୍ନାୟୁ ଅପଟୁ ଓ ସାମ୍ୟ ସଙ୍ଗତିହରା ହେଲେ ଅହମିକା, କ୍ରୋଧ, ହିଂସା ଓ ଅସହିଷ୍ଣୁତା ବଢ଼ିଉଠେ। ଦୁଗ୍ଧ ଆମିଷ ଖାଦ୍ୟ ହେଲେ ମଧ୍ୟ କ୍ଷତିକାରକ ନୁହେଁ। କାରଣ ଦୁଗ୍ଧ ପେଟରେ ଯାଇ ଲାକ୍‌ଟିକ୍ ଏସିଡ଼୍ ବ୍ୟାସିଲସ୍ ହୁଏ ଓ ବ୍ୟାସିଲସ୍‌ମାନେ ନିରାମିଷ କୋଷ। ବ୍ୟାକ୍ଟେରିଆମାନେ କିନ୍ତୁ ଆନିମଲ୍ ସେଲ୍। ଭେଜିଟେବଲ ସେଲ ଆନିମଲ୍ ସେଲ ତୁଳନାରେ କମ୍ ଜୀବନୀ ଶକ୍ତି ସମ୍ପନ୍ନ। ତେଣୁ ସେମାନେ ଶରୀରରେ ଯାଇ ସଞ୍ଜୀବୀତ ହେବାକୁ ଚାହାଁନ୍ତି। ସେମାନଙ୍କ ସହିତ ଦେହ କୋଷର ମଧ୍ୟ ବିରୋଧ କମ୍ ହୁଏ। ତେଣୁ ଶରୀରର ଜୀବନ୍ତ କୋଷ ଗୁଡ଼ିକ ବେଶୀ ପୋଷଣ ପାଆନ୍ତି। ନରହତ୍ୟା ଶବ୍ଦରେ ଆମ୍ଭେମାନେ ଆତଙ୍କିତ ହୋଇଉଠୁ କିନ୍ତୁ ଜୀବ ହତ୍ୟା ସମୟରେ ଆମକୁ କଷ୍ଟ ହୁଏନାହିଁ। ଏହିପରି ସହାନୁଭୂତିହୀନ ହୋଇ ପ୍ରବୃତ୍ତି ସ୍ୱାର୍ଥରେ ମଣିଷକୁ ହତ୍ୟା କରିବା ପାଇଁ ମଧ୍ୟ ମଣିଷକୁ କଷ୍ଟ ହୁଏନାହିଁ। ମଣିଷର ଦନ୍ତକୁ ଭଗବାନ ତୃଣ ଜାତୀୟ ଖାଦ୍ୟ ଖାଇବା ପାଇଁ ଗଢ଼ିଛନ୍ତି। ବାଘ, କୁକୁର ଇତ୍ୟାଦି ମାଂସାଶୀ ପ୍ରାଣୀମାନଙ୍କ ଭଳି ମନୁଷ୍ୟର ଶ୍ୱାନଦନ୍ତ ନାହିଁ। ବରଂ ମଣିଷର ଶ୍ୱାନଦନ୍ତ ଗାଈ, ଘୋଡ଼ା ସହିତ ସମାନ। ବଡ଼ ବଡ଼ ଚିକିତ୍ସକ ଓ ବୈଜ୍ଞାନିକମାନେ ମଧ୍ୟ ନିରାମିଷ ଆହାର ସପକ୍ଷରେ ଅନେକ କଥା କହିଛନ୍ତି। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ-ମୋର ମନେହୁଏ ଯେଉଁମାନେ ଉନ୍ନତତର ଜୀବନଯାପନ କରିବାକୁ ଚାହାଁନ୍ତି ଓ ସୁସ୍ଥ ଦେହରେ ସ୍ୱଚ୍ଛନ୍ଦ ମନରେ କ୍ରମାଗତି ନେଇ କଠୋର ପରିଶ୍ରମ କରିବାକୁ ଚାହାଁନ୍ତି ସେମାନେ ନିରାମିଷ ଖାଇବା ହିଁ ଉଚିତ ଓ ଗୋଟିଏ ଜୀବନର ଚେତନା ପ୍ରଗତିକୁ ରୁଦ୍ଧକରି ଆମିଷ ଭକ୍ଷଣ କରିବା ଅନୁଚିତ।

**ପ୍ରଫେସର ଡାକ୍ତର ମଞ୍ଜୁଶ୍ରୀ ନାୟକ**

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ପାଥୋଲୋଜି ବିଭାଗ, ପିଆରଏମ୍ ମେଡ଼ିକାଲ କଲେଜ, ବାରିପଦା, ଦୂରଭାଷ : ୯୪୩୮୩୬୯୫୪୯*

# ଧର୍ମଚକ୍ର ପରିବର୍ତ୍ତନ ଦିବସ ଅବସରରେ ଆଲୋଚନାଚକ୍ର 'ପ୍ରବୁଦ୍ଧ ଭାରତ'



ଭୁବନେଶ୍ୱର (ପିଏନ୍): ଅକ୍ଟୋବର ୧୪ ତାରିଖ ସନ୍ଧ୍ୟାରେ କଳିଙ୍ଗ ବୁଦ୍ଧବିହାର ସଭାକକ୍ଷରେ ଧର୍ମଚକ୍ର ପରିବର୍ତ୍ତନ ଦିବସ ଅବସରରେ ଆଲୋଚନାଚକ୍ର 'ପ୍ରବୁଦ୍ଧ ଭାରତ' ବିଷୟବସ୍ତୁ 'ସବୁ ସମସ୍ୟାର ସମାଧାନ ଗୌତମ ବୁଦ୍ଧ' ଅନୁଷ୍ଠିତ ହୋଇଯାଇଅଛି। ୧୯୫୬ ମସିହା ଅକ୍ଟୋବର ୧୪ ତାରିଖ ଦଶହରା ଦିନ ବାବାସାହେବ ଆମ୍ବେଦକର ବହୁ ପ୍ରତୀକ୍ଷା ଓ ନିରୀକ୍ଷା ପରେ ନାଗପୁରଠାରେ ୫ ଲକ୍ଷ ଅନୁଗାମୀଙ୍କ ସହ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ଓ ଭାରତୀୟ ବୌଦ୍ଧ ମହାସଭା ପ୍ରତିଷ୍ଠା କରିଥିଲେ। ସମ୍ରାଟ ଅଶୋକ କଳିଙ୍ଗ ଯୁଦ୍ଧ ପରେ ଯେଉଁଦିନ ବୌଦ୍ଧଭିକ୍ଷୁ ଉପଗୁପ୍ତଙ୍କଠାରୁ ବୌଦ୍ଧଧର୍ମ ଗ୍ରହଣ କରି ଚଣ୍ଡାଶୋକରୁ ଧର୍ମାଶୋକ ହୋଇଥିଲେ, ସେହିଦିନଟି ଘଟଣାକ୍ରମେ ଦଶହରା ପର୍ବରେ ପରିଣତ ହୋଇଛି। ଡଃ ଆମ୍ବେଦକର ଦୀକ୍ଷା ଗ୍ରହଣ କରିବା ସ୍ଥାନଟି ଦୀକ୍ଷାଭୂମି ରୂପେ ଏକ ବୌଦ୍ଧକୀର୍ତ୍ତିରେ ପରିଣତ ହୋଇଛି ଏବଂ ପ୍ରତିବର୍ଷ ଏହି ଦିବସରେ ପୃଥିବୀର ଲକ୍ଷ ଲକ୍ଷ ବୁଦ୍ଧପ୍ରେମୀମାନେ ସେଠାରେ ସମାବେଶ ହୁଅନ୍ତି। ଭଗବାନ ବୁଦ୍ଧ ତାଙ୍କର ପ୍ରଥମ ପାଞ୍ଚଜଣ ଅନୁଗାମୀଙ୍କୁ ଦୀକ୍ଷା ଦେଇଥିବା ଦିନଟି ମଧ୍ୟ ଧର୍ମଚକ୍ର ପରିବର୍ତ୍ତନ ଦିବସ ଭାବେ ପାଳନ କରାଯାଏ। ସାରା ପୃଥିବୀକୁ ଭାରତ ବୁଦ୍ଧଙ୍କୁ ଦେଇଥିଲେ ମଧ୍ୟ ନିଜ ଦେଶରେ ତାହା ଲୋପ ପାଇବାକୁ ବସିଥିଲା। ଧର୍ମାତ୍ମା ଅନାଗରିକ ଧର୍ମପାଳ ଶ୍ରୀଲଙ୍କାରେ ବୌଦ୍ଧ ଧର୍ମକୁ ଖ୍ରୀଷ୍ଟମାନଙ୍କ ପ୍ରଭାବରୁ ରକ୍ଷା କରିବା ସହିତ ଭାରତ ଆସି ବୌଦ୍ଧ କୀର୍ତ୍ତିରାଜି ଓ ବୌଦ୍ଧଧର୍ମକୁ ରକ୍ଷା କରିଥିଲେ। ସେ ଭାରତରେ ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆ ପ୍ରତିଷ୍ଠା କରି ଭାରତର ବୌଦ୍ଧକୀର୍ତ୍ତିଗୁଡ଼ିକର ଉଦ୍ଧାର ଓ ସଂରକ୍ଷଣ ସହିତ ବହୁ ସ୍ଥାନରେ ବୁଦ୍ଧବିହାରମାନ ପ୍ରତିଷ୍ଠା କରିଥିଲେ। ବୋଧିସତ୍ତ୍ୱ ବାବାସାହେବ ଆମ୍ବେଦକର ଭାରତରେ ବୌଦ୍ଧଧର୍ମର ପୁନଃଜାଗରଣ ଆଣି ପୁନଃ ପ୍ରତିଷ୍ଠା କରାଇଥିଲେ ଓ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ ଲକ୍ଷ ଲକ୍ଷ ଅବହେଳିତ ଓ ସଚେତନ ବୁଦ୍ଧିଜୀବୀ ନାଗରିକ ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ବହୁ ଆଗରୁ ସେ ଘୋଷଣା କରିଥିଲେ ଯେ ହିନ୍ଦୁ ଧର୍ମରେ ଜନ୍ମ ହେଲେ ମଧ୍ୟ ସେ ହିନ୍ଦୁ ଧର୍ମରେ ମରିବେ ନାହିଁ। ବହୁ ଧର୍ମାବଲମ୍ବୀ ତାଙ୍କୁ ନିଜ ଧର୍ମ ଗ୍ରହଣ କରିବା ନିମିତ୍ତ ମନାଇବା ଓ ପ୍ରଲୋଭନ ଦେଖାଇବାକୁ ଚେଷ୍ଟା କରିଥିଲେ। ସେ କିନ୍ତୁ ଭାରତରେ ଆବିର୍ଭାବ ଓ ହିନ୍ଦୁ ଧର୍ମର ଅବତାର ଭଗବାନ ବୁଦ୍ଧଙ୍କ ଧର୍ମ ଗ୍ରହଣ କରିଥିଲେ। ଭାରତର କୋଟି କୋଟି ଗରିବ ମଜଦୁରମାନଙ୍କ ଉନ୍ନତି, ନିର୍ଯ୍ୟାତିତ ଅସ୍ପୃଶ୍ୟ ଜାତିମାନଙ୍କ ସୁରକ୍ଷା ଓ ମହିଳାମାନଙ୍କର ଅଧିକାର ପାଇଁ ସେ ଜୀବନସାରା ସଂଗ୍ରାମ କରିଥିଲେ। ଭାରତ ସରକାରଙ୍କ ଶାସନରେ ସେ ଭାଗ ନେଇ ଏସବୁ କାର୍ଯ୍ୟ କରିବା ପାଇଁ ଦୃଢ଼ ପ୍ରୟାସ କରିଥିଲେ। କିନ୍ତୁ ସେ ସବୁରେ ସେ ଆଂଶିକ ସଫଳତା ପାଇଥିଲେ। ଶେଷରେ ତାଙ୍କର ହୃଦ୍‌ବୋଧ ହୋଇଥିଲା ଯେ, ଭଗବାନ ବୁଦ୍ଧଙ୍କ ନୀତି ହିଁ ଏସବୁ ସମସ୍ୟାର ସମାଧାନର ଏକମାତ୍ର ପନ୍ଥା। ଜାତିର ଜନକ ମହାତ୍ମା ଗାନ୍ଧୀ ହିନ୍ଦୁ ଧର୍ମରେ ଅଟଳ ବିଶ୍ୱାସ ରଖିଥିଲେ ମଧ୍ୟ ଭଗବାନ ବୁଦ୍ଧଙ୍କ ନୀତି ଆଦର୍ଶରେ ଅହିଂସା ସଂଗ୍ରାମ କରି ଭାରତକୁ ସ୍ୱାଧୀନ କରିଥିଲେ। ଏହି ଅହିଂସା ଧର୍ମକୁ ସାରା ପୃଥିବୀ ଗ୍ରହଣ କରି ଗାନ୍ଧୀଙ୍କୁ ସମ୍ମାନ ଦେବା ସହିତ ସ୍ୱତଃପ୍ରବୃତ୍ତ ଭାବେ ଭଗବାନ ବୁଦ୍ଧଙ୍କ ନୀତି ଆଦର୍ଶକୁ ଗ୍ରହଣ କରି ନେଇଛି। ଆଜିର ଏହି ପରମାଣୁ ଯୁଗରେ ବୁଦ୍ଧଙ୍କ ଅହିଂସା, ପ୍ରେମ ଓ ଦୟା ବାଣୀ ହିଁ କେବଳ ପୃଥିବୀକୁ ହିଂସା ଓ ଧ୍ୱଂସମୁଖରୁ ରକ୍ଷା କରିପାରିବା ମତରେ ସମସ୍ତ ବକ୍ତାମାନେ ଏକମତ ହେବା ସହିତ ତ୍ରିଶରଣ ଓ ପଞ୍ଚଶୀଳକୁ ଆପଣେଇନେଲେ ସମାଜର ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ମତବ୍ୟକ୍ତ କରିଥିଲେ। ଏହି ଆଲୋଚନାଚକ୍ରରେ ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆର ସଭାପତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ପ୍ରସାଦ ମହାନ୍ତି ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ରାଷ୍ଟ୍ରଦୂତ ଶ୍ରୀଯୁକ୍ତ ଅବସର ବେଉରିଆ ମୁଖ୍ୟ ଅତିଥି ଭାବରେ ଓ ପ୍ରଫେସର ଡଃ ବସନ୍ତ କୁମାର ମଲ୍ଲିକ, ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆର ଉପସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଭାରତୀୟ ବୌଦ୍ଧ ମହାସଭାର ସଭାପତି ଶ୍ରୀଯୁକ୍ତ ହରିଶ ମହାପାତ୍ର, ସ୍ୱାଧୀନତା ସଂଗ୍ରାମୀ ସମାଜସେବୀ ଶ୍ରୀଯୁକ୍ତ ପଦ୍ମଚରଣ ନାୟକ, ଭୁବନେଶ୍ୱର ଦୃଷ୍ଟିହୀନ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡଃ ବିପିନ ବିହାରୀ ତ୍ରିପାଠୀ, ସ୍ତମ୍ଭକାର ଶ୍ରୀଯୁକ୍ତ ତୁଷାରକାନ୍ତ ଶତପଥୀ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ପ୍ରଭାକର ମଲ୍ଲିକ ଓ ବ୍ୟାଙ୍କ ସେବାର ଅଧିକାରୀ ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ଶିକ୍ଷାଧିକାରୀ ଡଃ ସୁପ୍ରିୟା ମଲ୍ଲିକ ପ୍ରମୁଖ ବିଶିଷ୍ଟ ବକ୍ତାଭାବେ ଯୋଗ ଦେଇଥିଲେ। ଶେଷରେ ସଭା ପରିଚାଳନା କରିଥିବା ଶ୍ରୀଯୁକ୍ତ ଲକ୍ଷ୍ମଣ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁସଲିମ ଲିଗ୍‌ର ପ୍ରତିଷ୍ଠାତା : ସୈୟଦ୍ ଅହମ୍ମଦ ଖାନ



ପରାଧୀନ ଭାରତବର୍ଷର ବିଶିଷ୍ଟ ମୁସଲମାନ ବିଦ୍ୱାନଙ୍କ ମଧ୍ୟରେ ସାର୍ ସୈୟଦ୍ ଅହମଦ ଖାନ ଅନ୍ୟତମ। ସେ ଥିଲେ ଶିକ୍ଷକ ଓ ନେତା। ଭାରତୀୟ ମୁସଲମାନଙ୍କ ନିମନ୍ତେ ଆଧୁନିକ ଶିକ୍ଷା ପ୍ରଚଳନ କରିଥିଲେ। ତାଙ୍କ ଦ୍ୱାରା ସ୍ଥାପିତ ମହମ୍ମଦିଆନ ଆଙ୍ଗ୍ଲୋ-ଓରିଏଣ୍ଟାଲ କଲେଜ ପରେ ଅଲୀଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଥିଲା। ଅଲ୍ଲୀଗଡ଼ କ୍ରାନ୍ତି ଆନ୍ଦୋଳନ ମାଧ୍ୟମରେ ସେ ଭାରତୀୟ ମୁସଲମାନଙ୍କୁ ଏକତ୍ର କରିଥିଲେ ଏବଂ ସେମାନଙ୍କର ରାଜନୈତିକ ଭବିଷ୍ୟତ ସୁଦୃଢ଼ କରିଥିଲେ। ସଂସ୍କାରବାଦୀ ଥିଲେ ହେଁ ସାର୍ ସୈୟଦ୍ ଅହମ୍ମଦ କେତେକ ଘଟଣା ପ୍ରସଙ୍ଗରେ ବେଶ୍ ଚର୍ଚ୍ଚିତ ହୋଇଥିଲେ। ଇଷ୍ଟ ଇଣ୍ଡିଆ କମ୍ପାନୀରେ ଚାକିରି କରିଥିଲେ। ୧୮୫୭ ସିପାହୀ ବିଦ୍ରୋହ ବେଳେ ସେ ଇଷ୍ଟ ଇଣ୍ଡିଆ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସମର୍ଥନ ଦେବା ସହ ବିଦ୍ରୋହୀଙ୍କୁ ବିରୋଧ କରିଥିଲେ। ତାଙ୍କ ଉଦ୍ୟମରେ ବହୁ ବ୍ରିଟିସ୍‌ଙ୍କର ଜୀବନ ରକ୍ଷା ହୋଇଥିଲା। ବିଦ୍ରୋହ ପରେ ସେ 'ଦ କଜେସ୍ ଅଫ୍ ଦ ଇଣ୍ଡିଆନ୍ ମ୍ୟୁଟିନି' ବହି ଲେଖିଥିଲେ। ଏହି ବହିରେ ସେ ବ୍ରିଟିଶ ନୀତିର କଡ଼ା ସମାଲୋଚନା କରିଥିବା ଜଣାଯାଏ। ସେ ପ୍ରଥମେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନ ରଖି ଭାରତୀୟ ମୁସଲମାନଙ୍କ ସାମଗ୍ରୀକ ଉନ୍ନତି ପାଇଁ କାର୍ଯ୍ୟ କରୁଥିଲେ। ବ୍ରିଟିସ୍ ଅନୁରକ୍ତ ହୋଇଥିବାରୁ ଏକଦା ଉଭୟ ହିନ୍ଦୁ ଓ ମୁସଲମାନ ନେତାମାନେ ତାଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ। ଭାରତୀୟ ଜାତୀୟ କଂଗ୍ରେସ ସହ ତାଙ୍କ କୌଣସି ସଂପର୍କ ନଥିଲା। ମୁସଲମାନଙ୍କୁ ଏକତ୍ର କରିବା ପାଇଁ ତୃତୀୟ ଆଗା ଖାନ, ସଲୀମ ଅଲ୍ଲାହ କାନ ଆଦିଙ୍କ ସହ ମିଶି ସେ ଅଲ୍ ଇଣ୍ଡିଆ ମୁସଲିମ ଲିଗ୍ ଗଠନ କରିଥିଲେ। ଦୁଇ ରାଷ୍ଟ୍ର ସିଦ୍ଧାନ୍ତର ସେ ଜନକ। ପାକିସ୍ତାନ ଗଠନ ପାଇଁ ସାର୍ ସୈୟଦ ହିଁ ପ୍ରଥମେ ଦାବି କରିଥିଲେ। ଉର୍ଦ୍ଦୁକୁ ରାଷ୍ଟ୍ରୀୟ ଭାଷାର ମାନ୍ୟତା ଦେବା ନିମନ୍ତେ ମଧ୍ୟ ସେ ସ୍ୱର ଉତ୍ତୋଳନ କରିଥିଲେ। ୧୮୧୭ ଅକ୍ଟୋବର ୧୭ ତାରିଖ ଦିନ ଦିଲ୍ଲୀରେ ଏକ ସଂଭ୍ରାନ୍ତ ମୋଗଲ ପରିବାରରେ ତାଙ୍କ ଜନ୍ମ ହୋଇଥିଲା।

**ଶେଖ୍ ଫରିଦ୍‌ଉଦ୍ଦିନ୍,**
**ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ, ଦୂରଭାଷ : ୯୪୩୭୦୦୪୮୮୮**

# ସବୁଜ ଭାରତ ତରଫରୁ କଲାମଙ୍କ ୮୮ତମ ଜନ୍ମଜୟନ୍ତୀ ପାଳିତ



ଭୁବନେଶ୍ୱର (ପିଏନ୍): ରାଜ୍ୟସ୍ତରୀୟ ବିଶ୍ୱଛାତ୍ର ଦିବସ ପାଳନ ଅବସରରେ ସବୁଜ ଭାରତ ତରଫରୁ ପୂର୍ବତନ ରାଷ୍ଟ୍ରପତି ତଥା ଭାରତରତ୍ନ ମିଶାଇଲ୍ ମ୍ୟାନ୍ ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କ ୮୮ତମ ଜୟନ୍ତୀ ଝାରପଡ଼ାସ୍ଥିତ ମଧୁରମୟୀ ଶିକ୍ଷାନିକେତନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କ୍ଲବର ସଭାପତି ଡକ୍ଟର ବିକାଶ ଦାଶ କହିଲେ ଯେ, କଲାମଙ୍କ ପରି ଜଣେ ନିଷ୍ଠାପର ଦେଶଭକ୍ତ ଅନ୍ୟମାନଙ୍କ ପାଇଁ ସବୁବେଳେ ପ୍ରେରଣାର ଉତ୍ସ ହୋଇ ରହିବା ସହ ଯୁବସମାଜକୁ ଦିଗ୍‌ଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇମ୍ରାନ ଅଲ୍ଲୀ ଓ ମଧୁରମୟୀ ଶିକ୍ଷାନିକେତନର ପରିଚାଳିକା ନିରୋଜାଲକ୍ଷ୍ମୀ ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ କଲାମଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ସବୁଜ ଭାରତର ସମ୍ପାଦକ ସତ୍ୟବ୍ରତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଦେବାଶିଷ ଦାସ, ନିରଞ୍ଜନ ସାହୁ, ମନୋସ୍ମିତା ମିଶ୍ର, ହରପ୍ରସାଦ ମହାପାତ୍ର, ସାଗର ମଲ୍ଲିକ, ଶ୍ରୀବତ୍ସ ଲାଞ୍ଛନ ସାହୁ, ଲିଜାରାଣୀ ନାୟକ ପ୍ରମୁଖଙ୍କୁ ଅବଦୁଲ୍ କଲାମ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଭାରତର ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ ଅବ୍‌ଦୁଲ କଲାମଙ୍କ ୮୮ତମ ପୂଣ୍ୟ ଜୟନ୍ତୀ ପାଳିତ



ଭୁବନେଶ୍ୱର (ପିଏନ୍): ସାମାଜିକ ଅନୁଷ୍ଠାନ ଜନମଙ୍ଗଳ ପରିଷଦ ତରଫରୁ ମହତ୍ମା ଗାନ୍ଧୀ ମାର୍ଗରେ ଦେଶର ପୂର୍ବତନ ରାଷ୍ଟ୍ରପତି, ମିସାଇଲ୍ ମ୍ୟାନ, ଭାରତରତ୍ନ ଡ଼କ୍ଟର ଏ.ପି.ଜେ ଅବ୍‌ଦୁଲ କଲାଙ୍କ ୮୮ତମ ପୂଣ୍ୟ ଜୟନ୍ତୀ ପାଳିତ ହୋଇଯାଇଛି। ୧୯୩୧ ମସିହା ଅକ୍ଟୋବର ମାସ ୧୫ ତାରିଖରେ ତାମିଲନାଡୁର ରାମେଶ୍ୱରରେ ସେ ଜନ୍ମଗ୍ରହଣ କରିଥିଲେ। ଏକ ଗରିବ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ନିଜ ଇଚ୍ଛାଶକ୍ତି ଓ ଉଦ୍ୟମ ଯୋଗୁ ସେ ଜଣେ ବୈଜ୍ଞାନିକ ହୋଇପାରିଥିଲେ। ସେ ଥିଲେ ଦେଶର ଅନ୍ୟତମ ଲୋକପ୍ରିୟ ରାଷ୍ଟ୍ରପତି। ଭାରତରେ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମର ଜନକ ହୋଇଛନ୍ତି ଅବଦୁଲ କଲାମ। ତାଙ୍କ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ଇସ୍ରୋ ଓ ଡ଼ିଆରଡ଼ିଓ ସଫଳତାର ଶିଖର ଛୁଇଁଛି। ଦେଶକୁ ଆଣବିକ ଶକ୍ତିସମ୍ପନ୍ନ କରିବାରେ ମଧ୍ୟ କଲାମଙ୍କର ପ୍ରମୁଖ ଭୂମିକା ଥିଲା। ୨୦୦୨ରୁ ୨୦୦୬ ପର୍ଯ୍ୟନ୍ତ କଲାମ ଦେଶର ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜନମଙ୍ଗଳ ପରିଷଦର ସଭାପତି ଅଲେଖ ଚନ୍ଦ୍ର ଜେନା ପ୍ରଦୀପ ପ୍ରଜ୍ୱଳନ କରିବା ସହ କଲାମଙ୍କ ସ୍ମୃତିଚାରଣ କରି ଯୁବ ସମାଜକୁ ତାଙ୍କର ପଥ ଅନୁସରଣ କରିବାକୁ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ କୁମାର ମହାନ୍ତି, ଲକ୍ଷ୍ମଣ ଦାଶ, ସ୍ୱାଗତ ବିଶ୍ୱାଳ, ସୂର୍ଯ୍ୟକାନ୍ତ ସ୍ୱାଇଁ, ନିରଞ୍ଜନ ସାହୁ, ବୁଦ୍ଧିମାନ ନାୟକ, ଜିତେନ୍ଦ୍ର ଜେନା, ସଞ୍ଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନାରାୟଣ ଚନ୍ଦ୍ର ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

# କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର

ଭୁବନେଶ୍ୱର (ପିଏନ୍): କେନ୍ଦ୍ର ଆଧାରରେ ରାଜ୍ୟ ସରକାରୀ କର୍ମଚାରୀ ଓ ଶିକ୍ଷକମାନଙ୍କ ନିମନ୍ତେ ମହଙ୍ଗା ଭତ୍ତା ଘୋଷଣା ସହିତ ପଡ଼ିରହିଥିବା ଅମିମାଂସିତ ଦାବିଗୁଡ଼ିକର ଆଶୁ ସମାଧାନ ଦାବି କରି ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଦିଆଯାଇ ବିଷୟ ସଂଗଠନର ସଭାପତି ଲିଙ୍ଗରାଜ ମହାନ୍ତି, କାର୍ଯ୍ୟକାରୀ ସଭାପତି ସୁଦର୍ଶନ ପ୍ରଧାନ, ସାଧାରଣ ସମ୍ପାଦକ ନରୋତ୍ତମ ପାର୍ଥସାରଥୀ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ଏକ ପ୍ରେସ୍ ନୋଟ୍‌ରେ ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ଗ୍ରାମାଞ୍ଚଳଠାରୁ ରାଜ୍ୟ ରାଜଧାନୀ ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀ ଓ ଶିକ୍ଷକମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ କର୍ମଚାରୀଙ୍କ ସ୍ୱାର୍ଥରେ ପଡ଼ି ରହିଥିବା ଅମିମାଂସିତ ଦାବି ୨୦୧୬ ଜାନୁୟାରୀ ମାସଠାରୁ ସଂଶୋଧିତ ହାରରେ କେନ୍ଦ୍ର ଅନୁରୂପ ଘରଭଡ଼ା ଭତ୍ତା, ବର୍ଦ୍ଧିତ ଦରମାର ଗଚ୍ଛିତ ଅବଶିଷ୍ଟ ୬୦% ଅର୍ଥ ପ୍ରଦାନ, ସମାନ କାମକୁ ସମାନ ଦରମା ଉପରେ ଆଧାରିତ ନୀତି ଅନୁଯାୟୀ କଣ୍ଟ୍ରାକ୍‌ଚୁଆଲ ଓ ଏନ୍.ଏଚ୍.ଏମ୍. କଣ୍ଟ୍ରାକ୍‌ଚୁଆଲମାନଙ୍କ ଦରମା ନିର୍ଦ୍ଧାରଣ, ଛଟେଇ, ଅସ୍ଥାୟୀ ଓ ଆଉଟ୍‌ସୋର୍ସିଂ କର୍ମଚାରୀ ଭାବେ ଜଳସମ୍ପଦ, ପ୍ରାଣୀ ସମ୍ପଦ, ଜଳଯୋଗାଣ, କୃଷି ଗବେଷଣା ଓ ଉନ୍ନୟନ ଏବଂ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ସେହି ବିଭାଗରେ ଖାଲି ସ୍ଥାନ ଥିବା ସ୍ଥାନରେ ନିଯୁକ୍ତି ଦେବା, ଇଞ୍ଜିନିୟରିଂ ବିଭାଗଗୁଡ଼ିକରେ କାର୍ଯ୍ୟରତ ୱାର୍କଚାର୍ଜମାନଙ୍କୁ ପୂର୍ବଭଳି ସ୍ଥିରୀକୃତ ପେନ୍‌ସନ ଓ ୨୦୦୫ ମସିହାରେ ଲାଗୁ ହୋଇଥିବା ସ୍ୱଦେୟ ପେନ୍‌ସନ ବଦଳରେ ସ୍ଥିରୀକୃତ ପେନ୍‌ସନ ପୂର୍ବପରି ଦେବା ଦାବିଗୁଡ଼ିକୁ ଅଗ୍ରାଧିକାର ଭାବେ ବିଚାର କରି ସମାଧାନ କରିବାକୁ ତା ୨୨.୭.୨୦୧୯ରିଖ ଓ ୨୪.୦୯.୨୦୧୯ରିଖ କର୍ମଚାରୀ ସମାବେଶ ସଂଗଠିତ ମଧ୍ୟ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହା ବ୍ୟତୀତ ତା୯.୧୦.୨୦୧୯ରିଖ କେନ୍ଦ୍ର ସରକାରଙ୍କ ମହଙ୍ଗା ଭତ୍ତା ଘୋଷଣା ପରିପ୍ରେକ୍ଷୀରେ ନୀତିଗତ ଭାବେ ଓଡ଼ିଶା ରାଜ୍ୟ ସରକାର ତାହା ଘୋଷଣା କରିବାକୁ ଅନୁରୋଧ କରାଯାଇ ଅକ୍ଟୋବର ୧୦ ତାରିଖ ଓ ଅକ୍ଟୋବର ୧୪ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣରେ ବିଳମ୍ବ ଓ କର୍ମଚାରୀଙ୍କ ଆର୍ଥିକ ଅବସ୍ଥାକୁ ବିବେଚନା କରି ଯଥାଶୀଘ୍ର କେନ୍ଦ୍ର ଅନୁରୂପ ୫% ମହଙ୍ଗା ଭତ୍ତା ଘୋଷଣା ସହିତ ଦୀର୍ଘଦିନର ଅମିମାଂସିତ ଜରୁରୀ ଦାବିଗୁଡ଼ିକ ସମାଧାନ କରିବାକୁ ରାଜ୍ୟ କର୍ମଚାରୀ ସମନ୍ୱୟ ସମିତିର ବିଶ୍ୱମୋହନ ମହାପାତ୍ର, ମହିଳା ସବ୍‌କମିଟିର ଆବାହକ ଶ୍ରୀମତୀ ସାହୁ, କାହ୍ନୁ ଚରଣ ମଲ୍ଲିକ, ସଦାନନ୍ଦ ବେହେରା, ମହେଶ ପଟ୍ଟନାୟକ, ସୁଜିତ କୁମାର ନାୟକ, ଦେବେନ୍ଦ୍ର ଜଗନ୍ନାଥ ନାୟକ, ଅରୁଣ କୁମାର ବଳିଆରସିଂ, ପ୍ରଶାନ୍ତ କୁମାର ମହାନ୍ତି, ବିକାଶ ଚନ୍ଦ୍ର ମହାପାତ୍ର, ବସନ୍ତ ବେହେରା, ଜ୍ୟୋତ୍ସ୍ନାମୟୀ ଦେଇ, ଆନା ସୋରେଙ୍ଗ, ଶ୍ରୀମତୀ ସେଫାଳୀ ଦାସ, ସଂଘମିତ୍ରା ସ୍ୱାଇଁ, ଲକ୍ଷ୍ମୀଧର ଜେନା ପ୍ରମୁଖ ରାଜ୍ୟ ନେତୃତ୍ୱମାନେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିବା ବିଷୟ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ଜଣାଇଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
A complete Chemistry point for funding fundamentals.
Contact for Coaching in +2 Science, CBSE, OJEE (E&M), AIPMT & AIEEE

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Gyandeep THE CRECHE

Pragyan Communication

# ଲକ୍ଷ୍ମିପୂଜା ଶାନ୍ତି ଶୃଙ୍ଖଳାର ସହିତ ସମାପନ



ଚଣ୍ଡିଖୋଲ, ୧୭/୧୦(ପିଏନ)-ବଡ଼ଚଣାର ବିଭିନ୍ନ ସ୍ଥାନରେ ଧନ ଦାତ୍ରୀ ମା' ଲକ୍ଷ୍ମିଙ୍କର ପୂଜା ଶ୍ରଦ୍ଧା ଓ ଭକ୍ତିର ସହିତ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷିରେ ନିଶିମଳା ଗ୍ରାମରେ ମା' ଲକ୍ଷ୍ମିଙ୍କର ମୃଣ୍ମୟୀ ମୂର୍ତ୍ତୀ ପ୍ରତିଷ୍ଠା କରାଯାଇ କଳସ ଶୋଭାଯାତ୍ରା, ଷୋଡ଼ଶ ଉପଚାର ପୂଜା, ସୂର୍ଯ୍ୟପୂଜା, ଗୋ ପୂଜା, ଭଜନ, ପ୍ରବଚନ, ନାମ ସଂକୀର୍ତ୍ତନ, ସହିତ ସୁ ସଜ୍ଜିତ ଆଲୋକ ତୋରଣରେ ମା' ଲକ୍ଷ୍ମିଙ୍କୁ ଆରାଧନା କରାଯାଇ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା ଓ କର୍ତ୍ତୀ ଭାବରେ ଅନିତ୍ୟ ରଂଜନ ଜେନା, ସ୍ମରଣିକା ଜେନା ମା' ଲକ୍ଷ୍ମିଙ୍କର ପୂଜା ଆରଧନା କରିଥିବା ବେଳେ ଅବିନାଶ ଜେନା ଅମର ଜ୍ୟୋତି ଜେନା, ରଶ୍ମିରଂଜନ ଜେନା, ସୋମ୍ୟ ରଂଜନ ଜେନା, ନବକିଶୋର ଜେନା, ଅଟଳ ଜେନା ପ୍ରମୂଖ ସାହାର୍ଯ୍ୟ ଓ ସହଯୋଗ କରିଥିଲେ। ଆଜି ମା' ଲକ୍ଷ୍ମିଙ୍କର ଭଷାଣି ଯାତ୍ରା ଏକ ଶୋଭା ଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରାଯାଇ ନିକଟସ୍ଥ ନଦୀରେ ବିସର୍ଜନ କରାଯାଇଥିଲା।

# ଫରେଭର ନିୟୁର ବ୍ରାଣ୍ଡ ଆମ୍ବାସାଡ଼ାର ହେଲେ ଡ଼ାଏନା ପେଣ୍ଟି

ଭୁବନେଶ୍ୱର: ଫରେଭର ନିୟୁ ପକ୍ଷରୁ ଭାରତରେ ଏହାର ବ୍ରାଣ୍ଡ ଆମ୍ବାସାଡ଼ାର ରୂପେ ମଡ଼େଲ ଏବଂ ଅଭିନେତ୍ରୀ, ଡ଼ାଏନା ପେଣ୍ଟିଙ୍କୁ ନିଯୁକ୍ତ କରାଯାଇଛି। ଉକ୍ତ ଘୋଷଣାକୁ ପାଳନ କରିବାକୁଯାଇ, ଡ଼ାଏନା ଏକ ଭିଡ଼ିଓରେ ଶରତ ଶୀତ ୨୦୧୯ କଲେକ୍ସନ ପ୍ରଦର୍ଶିତ କରିଛନ୍ତି। ଏଡ଼ବ୍ଲୁ ୧୯ କଲେକ୍ସନ ପୁରୁଣା ହଲିଉଡ଼ ଗ୍ଲାମରରୁ ଅନୁପ୍ରାଣିତ, ଯାହାକି ସମକାଳିକ ଅତି କ୍ଷୁଦ୍ର ଏବଂ କ୍ଲାସିକ ସୋଫିଷ୍ଟିକେସନର ଏକ ସମ୍ମିଶ୍ରଣ। ଉକ୍ତ କଲେକ୍ସନରେ ଡ଼ିପ୍ ପ୍ଲମ୍ସ, ଶିମରିଂ ଫ୍ୟାବରିକସ ଏବଂ ଡ଼ିପ୍ ଜ୍ୱେଲଡ଼ ଟୋନର ବୈଶିଷ୍ଟ୍ୟ ରହିଛି। ଫରେଭର ନିୟୁର ଏଡ଼ବ୍ଲୁ ୧୯ କଲେକ୍ସନ ସମସ୍ତ ଫରେଭର ନିୟୁ ଷ୍ଟୋର ଏବଂ ବ୍ରାଣ୍ଡର ଅଫିସିଆଲ ୱେବସାଇଟରେ ଉପଲବ୍ଧ ହେଉଛି।

ଏହି ଘୋଷଣା ପରିପ୍ରେକ୍ଷୀରେ ଡ଼ାଏନା କହିଛନ୍ତିଯେ, 'ଫରେଭର ନିୟୁପରି ଏକ ବ୍ରାଣ୍ଡ ସହିତ ଜଡ଼ିତ ରହିବା ବାସ୍ତବରେ ଏକ ଗର୍ବର ବିଷୟ, ଯାହାକି ଆଭ୍ୟନ୍ତରିଣ ସୌନ୍ଦର୍ଯ୍ୟ ଏବଂ ଆତ୍ମବିଶ୍ୱାସ ପାଇଁ ଦଣ୍ଡାୟମାନ ଏବଂ ଏହା ହେଉଛି ଉପଯୁକ୍ତ ଆଧୁନିକ ମହିଳା ମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ବ୍ରାଣ୍ଡ। ମୁଁ ଏହି ଫରେଭର ନିୟୁ ପରିବାରର ଏକ ଅଂଶ ହୋଇପାରିଥିବାରୁ ଅତ୍ୟନ୍ତ ଆନନ୍ଦିତ ଏବଂ ଏହି ସହଭାଗିତାକୁ ଆହୁରି ଆଗକୁ ନେବା ପାଇଁ ଆଶାବାଦୀ।'

ଏହି ପରିପ୍ରେକ୍ଷୀରେ ଫରେଭର ନିୟୁ ଇଣ୍ଡିଆ ପକ୍ଷରୁ ଏହାର ଦେଶ ମୁଖ୍ୟ, ଧ୍ରୁବ୍ ବୋଗ୍ରା କହିଛନ୍ତିଯେ, 'ଆମ୍ଭେମାନେ ଏହି ସହବନ୍ଧିତାକୁନେଇ ଅତ୍ୟନ୍ତ ଆନନ୍ଦିତ। ଭାରତୀୟ ବଜାରରେ ଉକ୍ତ ବ୍ରାଣ୍ଡ ଆଖିଦୃଶିଆଭାବେ ଉନ୍ନତି କରିଚାଲିଛି ଏବଂ ଡ଼ାଏନା ପେଣ୍ଟିଙ୍କପରି ଅଭିନେତ୍ରୀଙ୍କ ସହିତ ସହବନ୍ଧିତାହୋଇ ଉକ୍ତ ବ୍ରାଣ୍ଡ ଆମର ଗ୍ରାହକ ମାନଙ୍କ ନିକଟରେ ଆହୁରି ଅଧିକ ସଚେତନତା ସୃଷ୍ଟିକରିପାରିବା ସହିତ ଏକ ସ୍ୱତନ୍ତ୍ର ବ୍ରାଣ୍ଡ ପରିଚୟ ସୃଷ୍ଟିକରିପାରିବ।'



# ମୂଲ୍ୟଭିତ୍ତିକ ସ୍ୱାସ୍ଥ୍ୟସେବା ଉପରେ କିମ୍ସ ସିଇଓଙ୍କ ବକ୍ତୃତା ପ୍ରଦାନ



ଭୁବନେଶ୍ୱର, ୧୭।୧୦(ପିଏନ) : ଭାରତରେ ସ୍ୱାସ୍ଥ୍ୟସେବା ଏକ ଚ୍ୟଲେଞ୍ଜ ହୋଇଥିବା ବେଳେ ଲୋକମାନେ କିଭଳି ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ସେଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକର କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ସମୟରେ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ପାଇବା ଏକ ପ୍ରମୁଖ ପ୍ରସଙ୍ଗ ହୋଇଛି। ସମସ୍ତେ କିଭଳି ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ପାଇପାରିବେ ସେଥିପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି। ନିକଟରେ ମୁମ୍ବାଇଠାରେ ଆୟୋଜିତ 'ଗ୍ଲୋବାଲ୍ ଭାଲ୍ୟୁବେସ୍ଡ୍ ହେଲ୍ଥ କେୟାର ଡାୟାଲଗ୍'ରେ ଭାଗ ନେଇ କିମ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ ମୂଲ୍ୟଭିତ୍ତିକ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଲେ, ଉଭୟ ଘରୋଇ ଓ ସରକାରୀ କ୍ଷେତ୍ର ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିବା ବେଳେ ଆମେ ରୋଗୀଙ୍କ ସଂଖ୍ୟାକୁ ଗୁରୁତ୍ୱ ଦେବା ବଦଳରେ ସେମାନେ କିଭଳି ଉତ୍ତମ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ପରବର୍ତ୍ତୀ ପରାମର୍ଶ ପାଇପାରିବେ ତାହା ପ୍ରମୁଖ ଲକ୍ଷ୍ୟ ହେବା ଉଚିତ। ଏହା ହେଲେ ମୂଲ୍ୟଭିତ୍ତିକ ସ୍ୱାସ୍ଥ୍ୟସେବା ଲୋକଙ୍କୁ ଦିଆଯାଇପାରିଲା ବୋଲି କୁହାଯାଇପାରିବ ବୋଲି ସେ କହିଥିଲେ।

ଜଣେ ରୋଗୀ ଡାକ୍ତରଖାନାରୁ ଚିକିତ୍ସିତ ହୋଇ ଘରକୁ ଫେରିବା ପରେ ତାର ସ୍ୱାସ୍ଥ୍ୟାବସ୍ଥା କିପରି ରହିଛି ତାହା ଉପରେ ଡାକ୍ତରଖାନା କ୍ରମାଗତ ନଜର ରଖିବା ସହ ପରାମର୍ଶ ଯୋଗାଇ ଦେବା ଉଚିତ। ଚିକିତ୍ସା ଦୃଷ୍ଟିକୋଣରୁ ରୋଗୀଟି ସୁସ୍ଥ ବୋଲି ଡାକ୍ତର କହିଲେ ମଧ୍ୟ ଏ ନେଇ ରୋଗୀ କି ପ୍ରକାର ଅନୁଭବ କରୁଛି ତାହା ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ଏ ଦୃଷ୍ଟିରୁ ବର୍ତ୍ତମାନ ସମୟରେ ସରକାରୀ ଓ ଘରୋଇ ଡାକ୍ତରଖାନାଗୁଡ଼ିକୁ ମୂଲ୍ୟଭିତ୍ତିକ ସ୍ୱାସ୍ଥ୍ୟସେବାକୁ କାର୍ଯ୍ୟକାରୀ କରିବା ଉଚିତ ବୋଲି ତାଙ୍କ ବକ୍ତୃତାରେ ଡା. ପାଣିଗ୍ରାହୀ କହିଥିଲେ। ବିଶ୍ୱର ଅନେକ ଦେଶରେ ମୂଲ୍ୟଭିତ୍ତିକ ସ୍ୱାସ୍ଥ୍ୟସେବା କାର୍ଯ୍ୟକାରୀ ହୋଇଥିବା ବେଳେ ଖୁବ୍‌ଶୀଘ୍ର ଏହା ଭାରତରେ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ସେ ସୂଚନା ଦେଇଥିଲେ। ମୂଲ୍ୟ ଭତ୍ତିକ ସ୍ୱାସ୍ଥ୍ୟସେବା ଉପରେ ପ୍ରଫେସର ମାଇକେଲ୍ ପୋର୍ଟରଙ୍କ ଆଇସିଏଚ୍‌ଓଏମ୍ ସହ ତାଙ୍କର ଅଭିଜ୍ଞତା ସଂପର୍କରେ ସେ ଆଲୋଚନା କରିଥିଲେ। କରୋନାରୀ ଆର୍ଟେରୀ ରୋଗ କ୍ଷେତ୍ରରେ ଆମେରିକା, ଇଉରୋପ ଓ ଭାରତର ବହୁ ଖ୍ୟାତି ସଂପନ୍ନ ଡାକ୍ତର ଓ ବିଶେଷଜ୍ଞଙ୍କ ସହ ମିଶି ମୂଲ୍ୟଭିତ୍ତିକ ସ୍ୱାସ୍ଥ୍ୟସେବା ମାନକ ପ୍ରସ୍ତୁତ କରିଥିଲେ।

# ଯାଜପୁର ହେଲ୍‌ଥ ଏକ୍ସପ୍ରେସ ର ନୂତନ କର୍ମକର୍ତ୍ତା ଚୟନ

ଚଣ୍ଡିଖୋଲ, ୧୭/୧୦(ପିଏନ)- ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କୃତି ପ୍ରଭାବରେ ଲୋକମାନଙ୍କର ଜୀବନ ଶୈଳୀ ପରିବର୍ତ୍ତନ ହୋଇଛି। ଲୋକମାନେ ପାରମ୍ପରିକ ଖାଦ୍ୟ ଓ ପ୍ରାକୃତିକ ଖାଦ୍ୟ ଉପରେ ଗୁରୁତ୍ୱ ନଦେଇ ଆଧୁନିକ ଓ ସୁସ୍ୱାଦୁ ସ୍ୱାଦିଷ୍ଟ ଖାଦ୍ୟ ପ୍ରତି ଆକୃଷ୍ଟ ହୋଉଛନ୍ତି। ଫଳରେ ବିଭିନ୍ନ ରୋଗ ଓ ସ୍ୱାସ୍ଥ୍ୟ ଗତ ଅବ୍ୟବସ୍ଥା ମଧ୍ୟରେ ଜୀବନ ବିତାଇବା ସହିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୂଖରେ ପଡୁଛନ୍ତି। ଲୋକମାନଙ୍କ ଭିତରେ ପାରମ୍ପରିକ ଖାଦ୍ୟ ଓ ପ୍ରକୃତି ଦତ୍ତ ଖାଦ୍ୟ ଉପରେ ସଚେତନ ସୃଷ୍ଟି କରିବା ପାଇଁ ଯାଜପୁର ହେଲ୍‌ଥ ଏକ୍ସପ୍ରେସ ନାମକ ଏକ ପତ୍ରିକା ଉନ୍ମୋଚନ ହେବା ସହିତ ରୋଗ ଓ ଏହାର ପ୍ରତିକାର ପାଇଁ ଏକ ସଚେତନତା ପତ୍ରିକ ହେଲ୍‌ଥ ଏକ୍ସପ୍ରେସ ବଡ଼ଚଣା ବ୍ଲକ ବାଉଁଶପୁଟ ଗ୍ରାମ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସମାଜ ସେବୀ ଅଭିମନ୍ୟୁ ଧଳଙ୍କ ସଭାପତିତ୍ୱରେ ଏକ ଚୟନ କମିଟି କରାଯାଇ ନିମ୍ନଲିଖିତ ବ୍ୟକ୍ତି ମାନଙ୍କୁ କର୍ମକର୍ତ୍ତା ଭାବେରେ ମନୋନୀତ କରାଯାଇଛି। ଏଥିରେ ସଭାପତି ଅଭିମନ୍ୟୁ ଧଳ, ସଂପାଦକ ଗୁରୁ ଦତ୍ତ ଲଲାଟେନ୍ଦୁ ସାମଲ, କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ସୁରେନ୍ଦ୍ର ନାଥ ସାମଲ, ସହ ସଂପାଦକ ଶ୍ୱେତା ସାଗରୀକା ରାଉତ, ଅଧ୍ୟାପକ ଚନ୍ଦନ ପ୍ରଧାନ, ସୁଧାଂଶୁ ଶେଖର ସାମଲ, ଶୁଭଦର୍ଶନୀ ସାମଲ, ପଦ୍ମଜା ଧଳ, କୋଷାଦକ୍ଷ ଭାବେ ମନୋଜ କୁମାର ସାହୁଙ୍କୁ, ସହକୋଷାଧକ୍ଷ ଅମିତା ନାୟକ ପ୍ରମୁଖଙ୍କୁ କରାଯାଇଥିବା ବେଳେ ହେଲ୍‌ଥ ଏକ୍ସ ପ୍ରେସର ଉପଦେଷ୍ଟା ମଣ୍ଡଳୀ -ଭାବେ ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ବିଜୟ କୁମାର ଶତପଥି, ଡଃ ଶୁକଦେବ ମହାନ୍ତି, ଡଃ ସୁପ୍ରକାଶ ଶତପଥି, ଡଃ ଅମରେନ୍ଦ୍ର ମହାପାତ୍ର, ଡଃ ପ୍ରଶାନ୍ତ କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ ଚନ୍ଦ୍ର ସାମଲଙ୍କୁ ମନୋନୀତ କରାଯାଇଥିଲା।

## ଡାଟ୍‌ସନ ଇଣ୍ଡିଆ ପକ୍ଷରୁ ଗୋ ସିଭିଟି ଏବଂ ଗୋ+ସିଭିଟିର ପ୍ରିବୁକିଙ୍ଗ ଆରମ୍ଭ

ଭୁବନେଶ୍ୱର: ନିସାନ୍ ଇଣ୍ଡିଆ ପକ୍ଷରୁ ଏହାର ଡାଟସନ ବ୍ରାଣ୍ଡର ସିଭିଟି ଭାରିଆଣ୍ଟର ଡାଟସନ ଗୋ ଏବଂ ଗୋ+ର ପ୍ରିବୁକିଂ ଆରମ୍ଭ କରାଯାଇଛି। ଗ୍ରାହକମାନେ ଦେଶର ଯେକୌଣସି ନିସାନ ଏବଂ ଡାଟସନ ଡିଲରସିପରେ ମାତ୍ର ଟ.୧୧,୦୦୦ ମୂଲ୍ୟର ସମ୍ପୂର୍ଣ୍ଣ ଫେରସ୍ତଯୋଗ୍ୟ ଡାଉନ ପେମେଣ୍ଟ ସହ ସେମାନଙ୍କର ଡାଟସନ ଗୋ ସିଭିଟି ଏବଂ ଗୋ+ସିଭିଟି ପାଇଁ ପ୍ରି-ବୁକିଙ୍ଗ କରିପାରିବେ। ଏହାର ପ୍ରି-ବୁକିଙ୍ଗ ଚଳିତ ବର୍ଷ ସେପ୍ଟେମ୍ବର ୨୭ ରୁ ଆରମ୍ଭ କରାଯାଇଛି। ନିସାନ୍ ଡାଟସନ ଗୋ ଏବଂ ଗୋ+ ସିଭିଟି କ୍ରାସ ଏବଂ ପଦଚାରୀଙ୍କ ସୁରକ୍ଷା, ବେଗ ଅନୁଧ୍ୟାନ କରିପାରୁଥିବା ଅଟୋ ଡୋର ଲକ୍, ପ୍ରଥମକରି ନେଇଆସିଥିବା ଭେଇକିଲ ଡାଇନାମିକ କଣ୍ଟ୍ରୋଲ(ଭିଡିସି)ଏବଂ ଦୁଇଟି ଏୟାର ବ୍ୟାଗ୍ ଭଳି ଅନେକ ଉନ୍ନତ ବୈଶିଷ୍ଟ୍ୟଯୁକ୍ତ ଅଟେ, ଯାହାକି ଏହାକୁ ଏକ ସୁରକ୍ଷିତ କାର୍‌ର ମାନ୍ୟତା ପ୍ରଦାନ କରେ। ଏହି ଅବସରରେ ନିଶାନ ମୋଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ମୁଖ୍ୟ ପରିଚାଳ ନିର୍ଦ୍ଦେଶକ, ଶ୍ରୀ ରାକେଶ ଶ୍ରୀବାସ୍ତବ କହିଛନ୍ତି ଯେ, 'ସମସ୍ତ ଭାରତୀୟ ଗ୍ରାହକ ମାନଙ୍କର ଚାହିଦାକୁ ଦୃଷ୍ଟିରେ ରଖି ଆମ୍ଭେମାନେ ଏହି ନୂତନ ଡାଟସନ ଗୋ ସିଭିଟି ଏବଂ ଗୋ+ସିଭିଟି ପ୍ରଥମ କରି ୫ଏସ ୟୁଏସପି ଯଥା-ସ୍ପେସ, ସେଫ, ସ୍ମାର୍ଟ, ଏବଂ ସିଓର ଭଳି ଜାପାନୀ କୌଶଳ ସହିତ ନିର୍ମାଣ କରିଛୁ।'

## ହାୟର ପକ୍ଷରୁ ନୂତନ ୫-ଇନ-ୱାନ ରେଫ୍ରିଜେରେଟ ସିରିଜର ବଜାର ପ୍ରବେଶ

ଭୁବନେଶ୍ୱର: ଗୃହ ଉପକରଣ ଏବଂ ଉପଭୋକ୍ତା ଇଲେକ୍ଟ୍ରୋନିକ କ୍ଷେତ୍ରରେ କ୍ରମାଗତ ୧୦ ବର୍ଷଧରି ବିଶ୍ୱରେ ପ୍ରଥମ ସ୍ଥାନରେ ରହି ଆସୁଥିବା ଅଗ୍ରଣୀ ବ୍ରାଣ୍ଡ ହାୟର, ଏହାର ନୂତନ ଏଚଆରଏଫ- ୨୭୮ ସିରିଜର ଶୁଭାରମ୍ଭ ସହ ନିଜର କନଭର୍ଟେବଲ ରେଫ୍ରିଜେରେଟର ଶୃଙ୍ଖଳକୁ ସଂପ୍ରସାରିତ କରିଛି। ଏହି ନୂତନ ଦୁଇଟି ସଂସ୍କରଣ ଯଥା- ଏଚଆରଏଫ-୨୭୮୩ସିକେବି-ଇ ଏବଂ ଏଚଆରଏଫ- ୨୭୮୩ସିଆରବି-ଇ ହାୟରର ଅଭିନବ ଟ୍ୱିନ ଏନର୍ଜି ସେଭିଙ୍ଗ କୌଶଳରେ ସମୃଦ୍ଧ ଯାହାକି ସେଭିଙ୍ଗ ମୋଡ଼ରେ ୧୫% ପର୍ଯ୍ୟ' ଶକ୍ତି ସଂରକ୍ଷଣ କରୁଥିବା ବେଳେ କନଭର୍ଟେବଲ ମୋଡ଼ରେ ୩୦% ପର୍ଯ୍ୟ' ଶକ୍ତି ସଂରକ୍ଷଣ କରିଥାଏ। ଏହି ଭବିଷ୍ୟଧର୍ମୀ ଟପ ମାଉଣ୍ଟେଡ୍ ରେଫ୍ରିଜେରେଟର ଗୁଡ଼ିକ ଫ୍ରିଜରକୁ ଫ୍ରିଜରେ ପରିବର୍ତ୍ତିତ କରିଥାଏ ଏବଂ ଏଥିରେ ଥିବା ୫ଟି କନଭର୍ଟେବଲ ବିକଳ୍ପ ସହ ମାତ୍ର ୫୦ ମିନିଟ ମଧ୍ୟରେ ପୁନର୍ବାର ଫ୍ରିଜର ଅବସ୍ଥାକୁ ଫେରିଆସେ। ଏହା ବ୍ୟତୀତ ଏହି ଉନ୍ନତ ରେଫ୍ରିଜେରେଟର ଗୁଡ଼ିକରେ ଥିବା ଟର୍ବୋ ଆଇସିଙ୍ଗ ବୈଶିଷ୍ଟ୍ୟ ୨୦୦ ଗୁଣା ଦ୍ରୁତ ବେଗରେ ମାତ୍ର ୪୯ ମିନିଟରେ ବରଫ କରିପାରେ। ବର୍ତ୍ତମାନର ବର୍ଦ୍ଧିତ ଆବଶ୍ୟକତା ଦୃଷ୍ଟିରୁ ୨୫୮ ଲିଟର ସାମର୍ଥ୍ୟତା ତଥା ସ୍ଥାନା'ର ଯୋଗ୍ୟ ଆଇସ ଟ୍ରେରେ ବ୍ୟବସ୍ଥିତ ଏହି ରେଫ୍ରିଜେରେଟର ଗୁଡ଼ିକ ଲାଲ୍ ଏବଂ କଳା ବ୍ଲସମ୍ ଫ୍ଲାୱର ଭଳି ଆକର୍ଷଣୀୟ ଡିଜାଇନରେ ସମୃଦ୍ଧ ଯାହାକି ଏହାକୁ ଏକ ନୂଆ ତଥା ଫ୍ରେସ ଲୁକ ପ୍ରଦାନ କରୁଛି। ଏହାର ଶୁଭାରମ୍ଭ ଅବସରରେ ହାୟର ଆପ୍ଲାଏନସେସ ଇଣ୍ଡିଆର ଉପାଧ୍ୟକ୍ଷ ଶ୍ରୀ ଏରିକ ବ୍ରାଗା କହିଛନ୍ତି, 'ଆମର ଏହି ରେଫ୍ରିଜେରେଟର ଗୁଡ଼ିକର ଶୁଭାରମ୍ଭ ସହ ଆମେ ଆମର ଗ୍ରାହକ ମାନଙ୍କୁ ଅଭିନବ ଉତ୍ପାଦ ମାଧ୍ୟମରେ ସହଜ ଏବଂ ମୁଲ୍ୟଯୁକ୍ତ ସେବା ପ୍ରଦାନ କରିବାର ପ୍ରତିଶ୍ରୁତିକୁ ପ୍ରତିଫଳିତ କରାଏ।' ଏହି ୩ଷ୍ଟାର ରେଫ୍ରିଜେରଟର ଗୁଡ଼ିକ କମ୍ପ୍ରେସରରେ ୧୦ ବର୍ଷର ୱାରେଣ୍ଟି ସହ ଆସିଥିବା ବେଳେ ଏହା ବର୍ତ୍ତମାନ ବଜାରରେ ମାତ୍ର ଟ.୩୨,୪୦୦ରେ ଉପଲବ୍ଧ ହେଉଛି।

## ହୃଦ୍‌ରୋଗର ନିରାକରଣ ପାଇଁ ବ୍ୟାପକ ସଚେତନତା ଲୋଡା : ଡାକ୍ତର ସାହୁ

ଭୁବନେଶ୍ୱର : ସମଗ୍ର ଭାରତ ବର୍ଷରେ ଏବେ ବିଭିନ୍ନ କାରଣରୁ ଅନ୍ୟରୋଗୀଙ୍କ ଅପେକ୍ଷା ହୃଦ୍‌ରୋଗୀଙ୍କ ସଂଖ୍ୟା ଅଧିକ ଥିବା ଏକ ସର୍ଭେକ୍ଷଣରୁ ଜଣାପଡିଛି। ଏପରିକି ବିଶ୍ୱସ୍ତରରେ ବାର୍ଷିକ ପ୍ରାୟତଃ ୧୭.୯ ଲକ୍ଷ ଲୋକ ହୃଦ୍‌ଘାତରେ ମୃତ୍ୟୁବରଣ କରୁଛନ୍ତି। ୨୦୩୦ ମସିହା ବେଳକୁ ଏହି ସଂଖ୍ୟା ୨୭ଲକ୍ଷରେ ପହଞ୍ଚିପାରେ ବୋଲି ଆକଳନ କରାଯାଉଛି। ବ୍ୟାପକ ସଚେତନତା ସୃଷ୍ଟି ହେଲେ ଏହି ରୋଗର ନିରାକରଣ କିଛିମାତ୍ରାରେ ସମ୍ଭବ ହୋଇପାରିବ ବୋଲି ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ତଥା ଡାକ୍ତର ପ୍ରଶାନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି। ଡା. ସାହୁ କହିଛନ୍ତି ଯେ, ହୃଦ୍‌ଘାତର ନିବାରଣ ଏବଂ ଲୋକଙ୍କୁ ହୃଦ୍‌ଜନିତ ରୋଗରୁ ଦୂରେଇ ରଖିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ସେପ୍ଟେମ୍ବର ୨୯ତାରିଖରେ ବିଶ୍ୱ ହୃଦୟ ଦିବସ ପାଳନ କରାଯାଏ। ବିଶ୍ୱ ହୃଦୟ ସଂଘ ପକ୍ଷରୁ ପ୍ରତିବର୍ଷ ନୂଆ ନୂଆ ଥିମ୍ ମଧ୍ୟ ରଖାଯାଏ। ଏବର୍ଷ ହୃଦୟରେ ହିରୋ ହେବାକୁ ପ୍ରତ୍ୟେକ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି। କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଦୃଷ୍ଟି ଦେଲେ ଯେ କୌଣସି ବ୍ୟକ୍ତି ବି ହୃଦୟର ହିରୋ ହୋଇପାରିବ। ହୃଦ୍‌ଘାତର ଲକ୍ଷଣକୁ ଚିହ୍ନଟ କରି ପ୍ରଥମେ ଏହାର ନିରାକରଣ ପ୍ରତି ଧ୍ୟାନ ଦେଲେ ନିଶ୍ଚିତ ଭାବେ ଜୀବନ ବଞ୍ଚିଯିବ। ପ୍ରଥମତଃ ମଦ୍ୟପାନ ଓ ଧୂମ୍ରପାନଠାରୁ ଦୂରେଇ ରହି ନିୟମିତ ବ୍ୟାୟାମ କରିବା ଏବଂ ଠିକ୍ ସମୟରେ ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ହୃଦ୍‌ରୋଗ ହୋଇନଥାଏ। ଖାଦ୍ୟ ଅପମିଶ୍ରଣ ରୋକାଗଲେ ଏବଂ ପରିବେଶକୁ ପ୍ରଦୂଷଣମୁକ୍ତ ରଖାଗଲେ ଅନେକାଂଶରେ ଏହି ହୃଦ୍‌ରୋଗ ବ୍ୟାପିନଥାଏ। ତେବେ ଏଥିପାଇଁ ଉଭୟ ସରକାରୀ ଓ ବେସରକାରୀସ୍ତରରେ ପ୍ରଚେଷ୍ଟା ଜାରି ରହିବା ଉଚିତ୍। ତମାଖୁ ନିୟନ୍ତ୍ରଣ ନୀତି କଡାକଡି ହେଲେ ଏବଂ ଅଧିକ ଫ୍ୟାଟ୍ ଥିବା ଖାଦ୍ୟର ବ୍ୟବହାର କମିଲେ ନିଶ୍ଚିତ ଭାବେ ଦେଶରେ ହୃଦ୍‌ଜନିତ ରୋଗୀଙ୍କ ସଂଖ୍ୟା କମିପାରିବ ବୋଲି ଡାକ୍ତର ସାହୁ କହିଛନ୍ତି।

## କେନ୍ଦୁଝର: ପ୍ଲାଷ୍ଟିକ୍ ବର୍ଜନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ



କେନ୍ଦୁଝର, (ପିଏନ): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଂଚଳିକ କାର୍ଯ୍ୟାଳୟ, କେନ୍ଦୁଝର ଆନୁକୂଲ୍ୟରେ ଚଳିତ ଅକ୍ଟୋବର ୧୭ ତାରିଖ ଗୁରୁବାର ସକାଳେ ପ୍ଲାଷ୍ଟିକ୍ ବର୍ଜନ ସମ୍ପର୍କିତ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶିଷ ଠାକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉକ୍ତ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ବିଭିନ୍ନ ଅନୁଷ୍ଠାନ/ ସଙ୍ଗଠନର କର୍ମକର୍ତ୍ତା ଏହି ଶୋଭାଯାତ୍ରାରେ ସାମିଲ ହୋଇ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ଓ ପଲିଥିନ୍ ବର୍ଜନ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ନଗରଭବନ ପର୍ଯ୍ୟନ୍ତ ଯାଇଥିଲା। ଏକ ବାର୍ତାରେ ଜିଲ୍ଲାପାଳ ଶ୍ରୀ ଠାକରେ କହିଛନ୍ତି ଯେ, ପ୍ଲାଷ୍ଟିକ୍ ଓ ପଲିଥିନଜନିତ ପ୍ରଦୂଷଣ ବର୍ତ୍ତମାନ ସମଗ୍ର ବିଶ୍ୱରେ ସ୍ପର୍ଶକାତର ପ୍ରସଙ୍ଗ ହୋଇଛି। ପ୍ଲାଷ୍ଟିକ୍ ଓ ପଲିଥିନଜନିତ ପ୍ରଦୂଷଣ ମନୁଷ୍ୟ ତଥା ଜୀବଜଗତ ଉପରେ କୁପ୍ରଭାବ ପକାଉଛି। ଏଣୁ ସରକାରଙ୍କ ନିର୍ଦ୍ଦେଶକ୍ରମେ ଯେଉଁ ସଚେତନତା ଅଭିଯାନ ଚାଲିଛି, ତାହାର ସଫଳତା ପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ। ପ୍ଲାଷ୍ଟିକ୍ ଓ ପଲିଥିନ ବର୍ଜନ ଅଭିଯାନ ପରିବାରରୁ ବ୍ୟକ୍ତିଗତସ୍ତରରେ ଆରମ୍ଭ ହେବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଆରୋପ କରି କେନ୍ଦୁଝର ଜିଲ୍ଲାରେ ଏହି ଅଭିଯାନର ସଫଳତା ପାଇଁ ଜିଲ୍ଲାବାସୀଙ୍କର ସହଯୋଗ କାମନା କରିଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ଉକ୍ତ ଶୋଭାଯାତ୍ରାର ସଂଯୋଜନା କରିଥିଲେ ଏବଂ ଏକକ ବ୍ୟବହୃତ ପ୍ଲାଷ୍ଟିକ୍/ପଲିଥିନ୍ ବର୍ଜନ ପାଇଁ ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଜୀବ ବାରିକ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ନିରଜଂନ ଜେନା, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କର୍ମକର୍ତା, ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧମର ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନର / ସଙ୍ଗଠନର କର୍ମକର୍ତା ପ୍ରମୁଖ ଏହି ଶୋଭାଯାତ୍ରାରେ ଉପସ୍ଥିତ ଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଂଚଳିକ କାର୍ଯ୍ୟାଳୟର ସହକାରୀ ପରିବେଶ ଯନ୍ତ୍ରୀ ଇଂ ନିବେଦିତା ଦାଶବେବର୍ତା, ଇଂ ଅନୀଲ କୁମାର ବାରିକ୍ ତଥା କର୍ମଚାରୀମାନେ ଉକ୍ତ ଶୋଭାଯାତ୍ରା ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

## କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଗେଜେଟେଡ୍ ଅଫିସରଙ୍କ ସର୍ବଭାରତୀୟ ସଂଘ, ଭୁବନେଶ୍ୱର ୟୁନିଟ୍, ଓଡ଼ିଶାର ୨୪ତମ ସମ୍ମେଳନ ଅନୁଷ୍ଠିତ

ଭୁବନେଶ୍ୱର: ଅଲ ଇଣ୍ଡିଆ ଆସୋସିଏସନ ଅଫ୍ ସେଂଟ୍ରାଲ୍ ଏକ୍ସାଇଜ୍ ଗେଜେଟେଡ୍ ଏକ୍‌ଜିକ୍ୟୁଟିଭ୍ ଅଫିସର୍ସ, ଭୁବନେଶ୍ୱର ୟୁନିଟ୍, ଓଡ଼ିଶାର ୨୪ତମ ସମ୍ମେଳନ ୨୦୧୯ ସେପ୍ଟେମ୍ବର ୨୭ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁପରିଟେଡେଂଟ୍ ସ୍ତରୀୟ ଓଡ଼ିଶାର ସସମ୍ମତ ଅଧିକାରୀ ଏକତ୍ରୀତ ହୋଇ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ (ଏବେ ଜିଏସ୍‌ଟି) ଏବଂ ସୀମା ଶୁଳ୍କ କ୍ଷେତ୍ରରେ ହୋଇଥିବା ସଦ୍ୟତମ ପରିବର୍ତନ ଏବଂ ଜିଏସ୍‌ଟିର ପ୍ରଭାବ ଏବଂ ସେମାନଙ୍କ କ୍ୟାଡର୍ ଉପରେ ଏହାର ପ୍ରଭାବ ଭଳି ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରିଛନ୍ତି। ସକାଳ ଅଧିବେଶନରେ ବିଭିନ୍ନ ପ୍ରସଙ୍ଗ ଉପରେ ମାନସ ମନ୍ଥନ ଓ ଆଲୋଚନା ହୋଇଥିଲା, ଉପଯୁକ୍ତ ମଂଚରେ ଉପସ୍ଥାପନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ ଅଭିଯୋଗଗୁଡ଼ିକର ସମାଧାନ କରାଯାଇଥିଲା। ସନ୍ଧ୍ୟାର ଅଧିବେଶନ ଆହୁରି ଆକର୍ଷଣୀୟ ହୋଇଥିଲା ଓ ତାହା ସମସ୍ତଙ୍କ ପାଇଁ ଉନ୍ମୁକ୍ତ ଥିଲା ଏବଂ ନିଜ ନିଜ କ୍ଷେତ୍ରରେ ଗଭୀର ଅଭିଜ୍ଞତା ଥିବା ଅତିଥିମାନେ ଅଂଶଗ୍ରହଣ କରିଥିଲେ। ଶ୍ରୀଯୁକ୍ତ ନରେଶ ପେନୁମାକା, ଚିଫ୍ କମିସନର, ଭୁବନେଶ୍ୱର ଜୋନ୍ ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବିଜୟ କୁମାର କର, ପ୍ରିନ୍‌ସିପାଲ୍ କମିସନର, ଭୁବନେଶ୍ୱର, ଜିଏସ୍‌ଟି କମିସନରେଟ୍ ଏବଂ ଶ୍ରୀଯୁକ୍ତ ଦେବାଶିଷ ସାହୁ, କମିସନର ଅଫ କଷ୍ଟମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଲ ଇଣ୍ଡିଆ ଆସୋସିଏସନ ଅଫ ସେଂଟ୍ରାଲ୍ ଏକ୍ସାଇଜ୍ ଗେଜେଟେଡ୍ ଅଫିସର୍ସର ସାଧାରଣ ସଂପାଦକ ଶ୍ରୀଯୁକ୍ତ ଆର ମହିମୋହନ ଏବଂ ସଭାପତି ଶ୍ରୀଯୁକ୍ତ ଶିଶିର ଅଗ୍ନିହୋତ୍ରୀ ଏହି ଅବସରରେ ବକ୍ତା ଭାବେ ଅଂଶଗ୍ରହଣ କରିଥିଲେ। ସମସ୍ତେ ଏକସ୍ୱରରେ ଏହି କଥା କହିଥିଲେ ଯେ ଓଡ଼ିଶାରେ କାମ କରୁଥିବା ଜିଏସ୍‌ଟି ବହୁତ ଭଲ, ସେମାନଙ୍କର ବହୁତ ଜ୍ଞାନ ଅଛି ଏବଂ ନିଜ ଅଂଚଳରେ କାମ କରିବା ବେଳେ ଯେ କୌଣସି ସ୍ଥିତିରେ ନିଜର ଦାୟିତ୍ୱ ନିର୍ବାହ କରି ସ୍ଥିତି ଉପରେ ନିୟନ୍ତ୍ରଣ ହାସଲ କରିବାକୁ ସେମାନେ ସକ୍ଷମ। ସେମାନେ ଅଫିସର କ୍ୟାଡରର ସମସ୍ୟା ଏବଂ ପୀଡ଼ା ବିଷୟରେ ମଧ୍ୟ ଆଲୋଚନା କରିଥିଲେ।



## ନୂତନ ୱାନ୍ ପ୍ଲସ୍ ୭ଟି ସ୍ମାର୍ଟଫୋନ୍ ଓ ୱାନ୍‌ପ୍ଲସ୍ ଟିଭିର ଶୁଭାରମ୍ଭ

ଭୁବନେଶ୍ୱର: ବିଶ୍ୱସ୍ତରୀୟ ଜ୍ଞାନକୌଶଳ ବ୍ରାଣ୍ଡ ୱାନ୍ ପ୍ଲସ୍ ପକ୍ଷରୁ ଏହାର ନୂତନ ଓ ଉନ୍ନତ ଭାବେ ଆଦୃତ ହୋଇଥିବା ୱାନ୍ ପ୍ଲସ୍ ୭ଟି ଏବଂ ନୂଆ ଦିଲ୍ଲୀଠାରେ କମ୍ପାନୀର ପ୍ରଥମ ଶୁଭାରମ୍ଭ ହୋଇଥିବା ସ୍ମାର୍ଟ ଟିଭି- ଦି ୱାନ୍ ପ୍ଲସ୍ ଟିଭିର ଶୁଭାରମ୍ଭ କରାଯାଇଛି। ୱାନ୍ ପ୍ଲସ୍ ୭ଟି ଗ୍ଲେସିଅର୍ ବ୍ଲୁ(୮ + ୧୨୮)ର ମୂଲ୍ୟ ମାତ୍ର ୩୭,୯୯୯ ଟଙ୍କା, ୱାନ୍ ପ୍ଲସ୍ ୭ଟି ଗ୍ଲେସିଅର୍ ବ୍ଲୁ(୮ + ୨୫୬)ର ମୂଲ୍ୟ ମାତ୍ର ୩୯,୯୯୯ ଟଙ୍କା ରଖାଯାଇଥିବାବେଳେ ୱାନ୍ ପ୍ଲସ୍ ୭ଟି ଫୋର୍ଷ୍ଟେଡ଼ ସିଲଭର୍ (୮ + ୧୨୮)ର ମୂଲ୍ୟ ମାତ୍ର ୩୭,୯୯୯ ଟଙ୍କା ରହିଛି। ସେହିପରି ୱାନ୍ ପ୍ଲସ୍ ଟିଭି ୫୫କ୍ୟୁ୧ ପ୍ରୋର ମୂଲ୍ୟ ମାତ୍ର ୯୯,୯୦୦ ଟଙ୍କା, ୱାନ୍ ପ୍ଲସ୍ ଟିଭି ୫୫କ୍ୟୁ୧ର ମୂଲ୍ୟ ମାତ୍ର ୬୯,୯୦୦ ଟଙ୍କା ଓ ବୁଲେଟ୍ସ ୱାୟାର୍‌ଲେସ୍ ୨ (ଓଲିଭ୍ ଗ୍ରିନ୍)ର ମୂଲ୍ୟ ମାତ୍ର ୫,୯୯୦ ଟଙ୍କା ରହିଛି। ଏହି ପରିପ୍ରେକ୍ଷୀରେ ୱାନ୍ ପ୍ଲସ୍‌ର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ପେଟେ ଲାଉ କହିଛନ୍ତିଯେ, 'ୱାନ୍ ପ୍ଲସ୍ ସବୁବେଳେ ଏହାର ଗ୍ରାହକଙ୍କୁ ସର୍ବୋତ୍ତମ ଜ୍ଞାନକୌଶଳ ସହିତ ଦୃତ ଓ କୋମଳ ଅନୁଭୂତି ପ୍ରଦାନ କରିବା ନିମନ୍ତେ ଚେଷ୍ଟା କରୁଛି। ୱାନ୍ ପ୍ଲସ୍ ୭ଟି ହେଉଛି ଷ୍ଟାଇଲ୍ ଓ ସବ୍‌ଷ୍ଟାନ୍ସର ଏକ ସମ୍ମିଶ୍ରଣ, ଯାହା ଇଣ୍ଡଷ୍ଟ୍ରିର ଅଗ୍ରଣୀ ଜ୍ଞାନକୌଶଳରେ ନିର୍ମିତ ଅତ୍ୟ' କୋମଳ ୯୦ ହର୍ଜ ଡିସ୍‌ପ୍ଲେ ଏବଂ ଏକ ନୂତନ ଟ୍ରିପିଲ୍-କ୍ୟାମେରା ସେଟ୍‌ଅପ୍ ସହିତ ଏକ ଅତୁଳନୀୟ ବ୍ୟବହାରକାରୀ ଅନୁଭୂତି ପ୍ରଦାନ କରୁଛି।' ଗ୍ରାହକମାନେ ବାଙ୍ଗାଲୋର, ମୁମ୍ବାଇ, ଦିଲ୍ଲୀ, ହାଇଦ୍ରାବାଦ, ଚେନ୍ନାଇ, ପୁନେ, କଲିକତା ଓ ଅହମ୍ମଦାବାଦରେ ପପ୍-ଅପ୍‌ମାନଙ୍କରେ ୨୭ ସେପ୍ଟେମ୍ବର ୨୦୧୯ ଅପରାହ୍ନ ୨ଟାରୁ ୱାନ୍ ପ୍ଲସ୍ ୭ଟି କିଣିବାରେ ଓ ୱାନ୍ ପ୍ଲସ୍ ଟିଭି ଅନୁଭୂତି ପାଇବାରେ ସକ୍ଷମ ହେବେ। ଉଭୟ ୱାନ୍ ପ୍ଲସ୍ ଟିଭି ଓ ୱାନ୍ ପ୍ଲସ୍ ୭ଟିର ବିକ୍ରି ୨୮ ସେପ୍ଟେମ୍ବର ୨୦୧୯ରୁ ଆରମ୍ଭ ହୋଇଛି। ଆମାଜନ୍.ଇନ୍‌ରେ ପ୍ରାଇମ୍ ୟାର୍ଲି ଆସେସ୍ ସେଲ୍ ଓ ୱାନ୍‌ପ୍ଲସ୍.ଇନ୍‌ରେ ବିକ୍ରି ୨୮ ସେପ୍ଟେମ୍ବର ୨୦୧୯ ମଧ୍ୟାହ୍ନ ୧୨ଟରେ ଆରମ୍ଭ ହୋଇଛି। ଆମାଜନ୍.ଇନ୍‌ରେ ବିକ୍ରି ୨୯ ସେପ୍ଟେମ୍ବର ୨୦୧୯ରେ ମଧ୍ୟରାତ୍ର ୧୨ଟାରେ ଆରମ୍ଭ ହେଉଛି। ଶୁଭାରମ୍ଭ ଅଫର୍ ସମୟରେ ଗ୍ରାହକମାନେ ଏଚ୍‌ଡିଏଫ୍‌ସି, ଏସ୍‌ବିଆଇ ଭଳି କେତେକ ଲୋକପ୍ରିୟ ବ୍ୟାଙ୍କର ଡେବିଟ୍ ତଥା କ୍ରେଡିଟ୍ କାର୍ଡରେ ଆକର୍ଷଣୀୟ ରିହାତି ସହିତ କ୍ୟାସ୍ ବ୍ୟାକ୍ ଅଫର୍ ପାଇପାରିବେ। ଏହା ସହିତ, ୱାନ୍ ପ୍ଲସ୍ ଏୟାରଟେଲ୍ ଗ୍ରାହକଙ୍କୁ ବିଭିନ୍ନ ଲାଭ ଯେପରିକି ଦୁଇଗୁଣ ଡାଟା ଲାଭ ପ୍ରଦାନ କରି, ଏହି ସହବନ୍ଧିତା ୱାନ୍‌ପ୍ଲସ୍.ଇନ୍ ପାଇଁ ୫୦୦ ଟଙ୍କାର ଆସେସରୀ ଭାଉଚର୍ ପ୍ରଦାନ କରୁଛି। ଏହା ସହିତ ୩ ମାସର ମାଗଣା ନେଟଫ୍ଲିକ୍ସ ସଦସ୍ୟତା, ୧ ବର୍ଷର ମାଗଣା ଆମାଜନ୍ ପ୍ରାଇମ୍ ଭିଡିଓ ସଦସ୍ୟତା, ଏୟାର୍ ଟିଭି ପ୍ରିମିୟମ୍ ସଦସ୍ୟତା, ଏକ ୱିଙ୍କ ସଦସ୍ୟତା ସହିତ ଏୟାରଟେଲ୍ ସିକ୍ୟୋର୍ ପ୍ରଦାନ କରୁଛି।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray